୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.9 Bhubaneswar Wednesday Feburary 12 2025 | ୨୭ତମ ବର୍ଷ ସଂଖ୍ୟା–୯ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


# ଭକ୍ତ ଦାସ ନୂଆ ପିସିସି ସଭାପତି



ଭୁବନେଶ୍ୱର,୧୧।୨(ପି.ଏନ): ରାଜ୍ୟ କଂଗ୍ରେସକୁ ମିଳିଲେ ନୂଆ ମୁଖିଆ। ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ ହୋଇଛନ୍ତି ନୂଆ ପିସିସି ସଭାପତି। ତାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିଯୁକ୍ତ କରାଯାଇଥିବା ନେଇ ଆଜି ଏଆଇସିସି ପକ୍ଷରୁ ଦିଆଯାଇଛି ସୂଚନା। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ସାଧାରଣ ନିର୍ବାଚନ ପରେ ଶରତ ପଟ୍ଟନାୟକ ପିସିସି ସଭାପତି ପଦରୁ ଇସ୍ତଫା ଦେବା ପରେ ଏହି ପଦ ଖାଲି ପଡିଥିଲା।ଭକ୍ତ ଦାସ ଜନତା ପାର୍ଟି ଟିକେଟରେ ୧୯୮୫ ମସିହାରେ ଭବାନୀପାଟଣା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୯ ମସିହାରେ ସେ କଳାହାଣ୍ଡି ଆସନରୁ ଜନତା ଦଳ ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୬ରେ ସେ ସମତା ପାର୍ଟି ଟିକେଟ୍‌ରେ ପୁଣି ଥରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଏହି ଆସନ ବିଜେପି କବଜାରେ ରହିଥିଲା। ୨୦୦୯ରେ ଭକ୍ତ ଚରଣ ଦାସ ତୃତୀୟ ଥର ପାଇଁ କଳାହାଣ୍ଡି ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେଥର ସେ କଂଗ୍ରେସ ଟିକେଟରେ ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ ନିର୍ବାଚନରେ ସେ ଏହି ଆସନରୁ ପରାସ୍ତ ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ନର୍ଲା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ତାଙ୍କ ପୁଅ ସଂଗ୍ରାମ ଚରଣ ଦାସ ଭବାନୀପାଟଣା ଆସନରୁ କଂଗ୍ରେସ ଟିକେଟରେ ଲଢ଼ି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୧୯୯୦ରୁ ୧୯୯୧ ପର୍ଯ୍ୟନ୍ତ ଭକ୍ତ ଚରଣ ଦାସ ରେଳ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବେଳେ ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୬୭ ବର୍ଷୀୟ ଶ୍ରୀ ଦାସଙ୍କୁ ଗତ ସାଧାରଣ ନିର୍ବାଚନବେଳେ ଓଡିଶା ପ୍ରଦେଶ କଂଗ୍ରେସର ପ୍ରଚାର କମିଟି ଅଧକ୍ଷ ଭାବେ ୨୦୨୪ ମାର୍ଚ୍ଚରେ ଦାୟିତ୍ୱ ମିଳିଥିଲା। ଅବଶ୍ୟ ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ସେ ନୈତିକତା ଦୃଷ୍ଟିରୁ ଜୁନ୍ ୧୦ତାରିଖରେ ଇସ୍ତଫା ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଦାସ ଏଆଇସିସି ସାଧାରଣ ସମ୍ପାଦକ ଓ ବିହାର, ମଣିପୁର ଓ ମିଜୋରାମର କଂଗ୍ରେସ ପ୍ରଭାରୀ ଭାବେ କାର୍ଯ୍ୟ କରିସାରିଛନ୍ତି । ଶ୍ରୀ ଦାସ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ମଧ । ଶ୍ରୀ ଦାସଙ୍କ ନାଁ ଦୀର୍ଘଦିନ ଧରି ପିସିସି ସଭାପତି ଦୌଡରେ ଆଗରେ ରହିଥିଲା। ସମସ୍ତେ ସହଯୋଗ କରିବେ ବୋଲି ଆଶା

ପିସିସି ସଭାପତି ଦାୟିତ୍ୱ ମିଳିବା ପରେ ଭକ୍ତ ଚରଣ ଦାସ କହିଛନ୍ତି, ତରୁଣ ଓ ବରିଷ୍ଠ ସମସ୍ତଙ୍କୁ ନେଇ କାମ କରିବି। କଂଗ୍ରେସକୁ ଆନ୍‌ଦୋଳନ ଜରିଆରେ ଘରେ ଘରେ ପହଞ୍ଚାଇବୁ। ଗାନ୍ଧି ପରିବାର ମୋତେ ପୂର୍ବରୁ ଅନେକ ଦାୟିତ୍ୱ ଦେଇଛନ୍ତି। ସବୁ ଦାୟିତ୍ୱ ସାମର୍ଥ୍ୟ ମତେ ପୂରଣ କରି ଆସ୍ଥାଭାଜନ ହୋଇଛି। ଲୋକଙ୍କ ପାଖକୁ ଯାଇ ଶହେ ଟଙ୍କା ଲେଖାଏଁ ମାଗି ସମ୍ବଳ ବଢ଼ାଇବି। ଲୋକଙ୍କ ଆସ୍ଥାଭାଜନ ହେବା ମୋର ଲକ୍ଷ୍ୟ।

# କେଜ୍ରିୱାଲ ହେବେ କି ପଞ୍ଜାବ ମୁଖ୍ୟମନ୍ତ୍ରୀ ?



ଭୁବନେଶ୍ୱର,୧୧।୨(ପି.ଏନ): ଦିଲ୍ଲୀରେ ୨୦୧୫ରୁ ଏକାକୀ କ୍ଷମତାରେ ଥିବା ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ୨୦୨୫ ବିଧାନସଭା ନିର୍ବାଚନରେ ପରାସ୍ତ ହୋଇଛି। ବିଜେପି ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତା ଦଖଲ କରିଛି। ଆପ୍ ଦିଲ୍ଲୀରେ ହାରିଥିବା ବେଳେ ଦଳର ମୁଖିଆ କେଜ୍ରିୱାଲ ନୂଆଦିଲ୍ଲୀ ଆସନରେ ବି ପରାସ୍ତ ହୋଇଛନ୍ତି। ଆପର ଦୁଇ ନମ୍ବର ନେତା ମନୀଷ ସିସୋଦିଆଙ୍କୁ ମଧ ପରାଜୟର ସ୍ୱାଦ ଚାଖିବାକୁ ପଡିଛି। ଏକଦା ଜାତୀୟ ସ୍ତରରେ ବିକଳ୍ପ ଭାବେ ଉଭା ହେଉଥିବା ଆପ୍ ଦିଲ୍ଲୀରେ ହାରିବା ପରେ ଏବେ ସମସ୍ତଙ୍କ ନଜର ପଞ୍ଜାବ ଉପରେ ରହିଛି। କାରଣ ଦିଲ୍ଲୀ ବ୍ୟତୀତ ଆପ୍? ପଞ୍ଜାବରେ ବି ସରକାରରେ ରହିଥିଲା। ଦିଲ୍ଲୀର କ୍ଷମତା ହାତରୁ ଖସି ଯାଇଥିବାରୁ କୁହାଯାଉଛି ଯେ କେଜ୍ରିୱାଲ ଏବେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଛନ୍ତି। ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ହଟାଇ ସେ ରାଜ୍ୟରେ ଦାୟିତ୍ୱ ନେବାକୁ ଲକ୍ଷ୍ୟ ରଖିଥିବା ଚର୍ଚ୍ଚା ହେଉଛି।ଚର୍ଚ୍ଚା ଅନୁସାରେ, କେଜ୍ରିୱାଲ କିଛି ମାସ ମଧରେ ମାନଙ୍କ ସ୍ଥାନରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ। ଏହାପରେ ସେ ବିଧାନସଭା ଉପ ନିର୍ବାଚନ ଲଢ଼ିବେ। ବର୍ତ୍ତମାନ ଲୁଧିଆନା ୱେଷ୍ଟ ଆସନ ଖାଲି ପଡିଛି। ୨୦୨୨ରେ ଏଠାରେ ଆପ୍ ଟିକେଟରେ ଗୁରପ୍ରୀତ ବାସି ଗୋଗି ବିଜୟୀ ହୋଇଥିଲେ। କିନ୍ତୁ ତାଙ୍କ ଦେହାନ୍ତ ଯୋଗୁ ଏହି ଆସନ ଖାଲି ପଡିଛି। ଖୁବଶୀଘ୍ର ଏଠାରେ ଉପ ନିର୍ବାଚନ ହୋଇପାରେ। ଏହି ଉପ ନିର୍ବାଚନରେ କେଜ୍ରିୱାଲ ଆପରୁ ଲଢ଼ି ବିଧିବଦ୍ଧ ଭାବେ ପଞ୍ଜାବ ସରକାରରେ ସାମିଲ ହେବେ।

## ପୁଣି ଚର୍ଚ୍ଚାରେ ଗନ୍ଧମାର୍ଦ୍ଦନ: କାହିଁକି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସୁରକ୍ଷା ଲୋଡିଲେ ବରଗଡ ସାଂସଦ ?

ଭୁବନେଶ୍ୱର,୧୧।୨(ପି.ଏନ): ଓଡିଶା ସରକାରଙ୍କ ଦ୍ୱାରା ୨୦୨୩ ମାର୍ଚ୍ଚ ମାସରେ ଜୈବବିବିଧତା ଐତିହ୍ୟ ସ୍ଥଳ ଭାବେ ମାନ୍ୟତାପ୍ରାପ୍ତ ଗନ୍ଧମାର୍ଦ୍ନ ପାହାଡ ପୁଣିଥରେ ଚର୍ଚ୍ଚାରେ । ଆୟୁର୍ବେଦର ସ୍ୱର୍ଗ ଭାବେ ପରିଚିତ ଏହି ପାହାଡର ସାଂସ୍କୃତିକ,ଐତିହାସିକ ଓ ଧାର୍ମିକ ଗୁରୁତ୍ୱକୁ ରେଖାଙ୍କିତ କରି ଏହାର ତୁରନ୍ତ ସଂରକ୍ଷଣ ପାଇଁ ବରଗଡର ବିଜେପି ସାଂସଦ ପ୍ରଦୀପ ପୁରୋହିତ ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଲିଖିତ ଦାବି ଜଣାଇବା ପରେ ଗନ୍ଧମାର୍ଦ୍ଦନ ପାହାଡର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଏହି ପାହାଡରେ ବହୁ ପରିମାଣର ଉଚ୍ଚ ଗୁଣାତ୍ମକ ମାନର ବକ୍ସାଇଟ, ଗ୍ରାନାଇଟ୍ ଓ ଚୂନପଥର ଥିବା ଯୋଗୁ ଏହା ଏବେ ଖଣି ମାଫିଆଙ୍କ ନଜର ରହିଛି । କିନ୍ତୁ ସ୍ଥାନୀୟ ଲୋକମାନଙ୍କ ତୀବ୍ର ବିରୋଧ ଓ ତୀକ୍ଷ୍ଣ ନଜର ଯୋଗୁ ଏହି ପାହାଡ ତା'ର ସମୃଦ୍ଧ ଜୈବବିବିଧତାକୁ ଏପର୍ଯ୍ୟନ୍ତ ବଜାୟ ରଖିପାରିଛି।ବରଗଡ ସାଂସଦ ଶ୍ରୀ ପୁରୋହିତ ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଏହି ଜୈବବିବିଧତାପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପାହାଡର ପ୍ରାକୃତିକ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡିଛି ବୋଲି ଦର୍ଶାଇବା ସହ ଜାତୀୟ ଐତିହ୍ୟସ୍ଥଳୀର ମାନ୍ୟତା ଦେବାକୁ ଅନୁରୋଧ କରିଛନ୍ତି। ଏହି ପାହାଡର ଗୁରୁତ୍ୱ ସମ୍ପର୍କରେ ଚୀନ ପରିବ୍ରାଜକ ହୁଏନ ସାଂ ତାଙ୍କ ପୁସ୍ତକରେ ଏହି ପାହାଡରେ ବୌଦ୍ଧ କୀର୍ତ୍ତିରାଜିକୁ ନେଇ ଦେଇଥିବା ତଥ୍ୟ ଓ ଏଠାରେ ପ୍ରାଚୀନ କାଳରେ ନିର୍ମିତ ପ୍ରଭୁ ନୃସିଂହନାଥ ଓ ପ୍ରଭୁ ହରିଶଙ୍କରଙ୍କ ମନ୍ଦିର ରହିଥିବା ନେଇ ମଧ ଶ୍ରୀ ପୁରୋହିତ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି। କଂଗ୍ରେସ ସରକାର ସମୟରେ ଏହି ପାହାଡରେ ଥିବା ଖଣିଜ ସମ୍ପଦକୁ ୪୭ ବର୍ଷ ଲିଜରେ କିଭଳି ବାଲକୋ କମ୍ପାନୀକୁ ଟେକି ଦିଆଯାଇଥିଲା ଓ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଯୋଗୁ ଏଠାରେ ଖନନ ସମ୍ଭବପର ହୋଇନଥିଲା ତାହା ମଧ ଅବଗତ କରାଇଛନ୍ତି।

## ଜୟଦେବ ବିହାରରୁ ନନ୍ଦନକାନନ ଫ୍ଲାଏଓଭର କାମ ହେବ ଆରମ୍ଭ, ଟ୍ରାଫିକ୍ ଜାମରୁ ମିଳିବ ମୁକ୍ତି



ଭୁବନେଶ୍ୱର,୧୧।୨(ପି.ଏନ): ଖୁବଶୀଘ୍ର ଆରମ୍ଭ ହେବ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ବ୍ରିଜ୍ । ଫ୍ଲାଏଓଭର ନିର୍ମାଣ ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା ।ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ସଂଯୋଗ କରିବ ଏହି ଓଭରବ୍ରିଜ୍ । ମଝିରେ ମଝିରେ ବଡ ଛକରେ ଏସକେପ୍ ୱେ' ରଖାଯିବ ।ଓଭରବ୍ରିଜରେ ଯାଉଥିବା ଲୋକଙ୍କୁ ତଳକୁ ଓହ୍ଲାଇବାରେ କୌଣସି ସମସ୍ୟା ହେବନାହିଁ । ଫ୍ଲାଏଓଭର ହେଲେ ରାସ୍ତାରେ ଆଉ ଭିଡ ଜମିବ ନାହିଁ ବୋଲି କହିଲେ ମନ୍ତ୍ରୀ।

# ଦିନକ ପରେ ବିଧାନସଭାର ବଜେଟ ଅଧିବେଶନ

ଭୁବନେଶ୍ୱର,୧୧।୨(ପି.ଏନ): ଦିନକ ପରେ ବିଧାନସଭାର ବଜେଟ ଅଧିବେଶନ । ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଧାନରେ କଟନି ଛଟନିଠାରୁ ଆରମ୍ଭ କରି ହଇଜା, ବାରବାଟୀ ଅବ୍ୟବସ୍ଥା ପରି ମାଳମାଳ ପ୍ରସଙ୍ଗରେ ସରକାରଙ୍କୁ ଘେରିବ ମୁଖ୍ୟ ବିରୋଧୀ ବିଜେଡି । ରାଜ୍ୟ ସରକାରଙ୍କ ୮ ମାସର ବିଫଳତା ସହ ବଡ ବଡ ପ୍ରସଙ୍ଗକୁ ଅସ୍ତ୍ର କରି ସରକାରଙ୍କୁ ଗୃହରେ ନାକେଦମ କରିବ ବିଜୁ ଜନତା ଦଳ । ନିର୍ବାଚନୀ ପ୍ରତିଶ୍ରୁତିର ବିଫଳାତାକୁ ନେଇ କଂଗ୍ରେସ କରିବ ଶାଣିତ ଆକ୍ରମଣ । ଆସନ୍ତାକାଲି ୩ ଦଳର ବିଧାୟକ ଦଳ ବୈଠକରେ ପ୍ରସ୍ତୁତ ହେବ ରଣନୀତି। ଅନ୍ୟପଟେ ଲମ୍ବା ସମୟର ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ କାଲି ବାଚସ୍ପତି ଡାକିଛନ୍ତି ସର୍ବଦଳୀୟ ବୈଠକ। ଅନ୍ୟପଟେ ବିଧାୟକ ଦଳ ବୈଠକ ପୂର୍ବରୁ ବିଧାନସଭାର ପ୍ରସଙ୍ଗକୁ ନେଇ ମୁହାମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ ।ଗୁରୁବାରରୁ ବିଧାନସଭାର ବଜେଟ ଅଧିବେଶନ । ୨୮ଟି କାର୍ଯ୍ୟଦିବସ ସହ ଲମ୍ବା ସମୟର ବଜେଟ ଅଧିବେଶନ । ବିରୋଧୀଙ୍କ ହାତରେ ମାଳମାଳ ପ୍ରସଙ୍ଗ । ଶାସକ ଦଳକୁ ଘେରିବାକୁ ପୂରା ପ୍ରସ୍ତୁତ ମୁଖ୍ୟ ବିରୋଧୀ ବିଜେଡି । ରାଜଧାନୀରେ ଯୁବକଙ୍କୁ ହତ୍ୟା, ଭିଆଇପି ଏରିଆରୁ ଚୋରି, ନେତାଙ୍କୁ ହତ୍ୟା ଧମକ ସହ ସାରା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ବଡ ଅସ୍ତ୍ର କରିବ ବିଜେଡି । ବିଜେପି ସରକାରରେ ନାରୀ ନିର୍ଯାତନାରୁ ଆରମ୍ଭ କରି ହତ୍ୟା, ଚୋରି ଓ ଡକାୟତି ସୀମା ଟପିଛି । ଏସବୁର ଜବାବ ଗୃହରେ ମାଗିବ ବିଜେଡି । ସେହିପରି ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ସହ କଟନି ଛଟନି ହେଉଛି । ତା' ସାଙ୍ଗକୁ କଣାସରେ ହଇଜା, ବାରବାଟୀ ଫ୍ଲଟ ଲାଇଟ ବନ୍ଦ ହେବା ପରି ପ୍ରସଙ୍ଗକୁ ଉଠାଇବ ବିଜେଡି । ଏହା ପୂର୍ବରୁ ଆସନ୍ତାକାଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶଙ୍ଖଭବନରେ ବସିବ ବିଜେଡି ବିଧାୟକ ଦଳ ବୈଠକ । ରାଜ୍ୟ ସ୍ୱାର୍ଥ ସହ ନୂଆ ଓ ପୁରୁଣା ପ୍ରସଙ୍ଗକୁ କିପରି ଶାଣିତ କରାଯିବ, ସେ ନେଇ ପ୍ରସ୍ତୁତ ହେବ ରଣନୀତି ।ସରକାର ଗଠନର ୨୪ ଘଣ୍ଟା ଭିତରେ ଚିଟଫଣ୍ଡ ଟଙ୍କା ଫେରସ୍ତ, ୩୦୦ ୟୁନିଟ ମାଗଣା ବିଜୁଳି, ବର୍ଦ୍ଧିତ ଭତ୍ତା, ସୁଭଦ୍ରା ଯୋଜନାରେ ସବୁ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ଦେବା ପରି ମାଳମାଳ ନିର୍ବାଚନୀ ପ୍ରତିଶ୍ରୁତି ଭୁଲି ଯାଇଛି ଡବଲ ଇଞ୍ଜିନ ସରକାର । ଏକଥାକୁ କଂଗ୍ରେସ ପ୍ରସଙ୍ଗ କରି ବଜେଟ ଅଧିବେଶନରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି । ଏହାଛଡା ଦଳ ଆଉ କେଉଁ ପ୍ରସଙ୍ଗ ଉଠାଇବ ତାହା ସ୍ଥିର କରାଯିବ । ବିଜେଡି କହିଛି, ବାଚସ୍ପତି ଗୃହରେ ଶାସକ ଓ ବିରୋଧୀ ଦଳକୁ ସମାନ ଦୃଷ୍ଟିରେ ଦେଖନ୍ତୁ । ବିରୋଧୀ ଦଳ ଲୋକଙ୍କ ସ୍ୱର ସାଜି ସରକାରଙ୍କୁ ପ୍ରଶ୍ନ କରିବେ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ । ଅନ୍ୟପଟେ ବିଜେପିର କହିବା କଥା, ବିରୋଧୀ ଗୃହରେ ଯେଉଁ ସବୁ ପ୍ରସଙ୍ଗ ଉଠାଇବେ, ସରକାର ତାର ଜବାବ ଦେବାକୁ ପୂରା ପ୍ରସ୍ତୁତ ଅଛନ୍ତି ।୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ଗୃହ କାର୍ଯ୍ୟ । ୧୭ ତାରିଖରେ ଉପସ୍ଥାପନ ହେବ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ । ଅଧିବେଶନକୁ ସୁରୁଖୁରୁରେ ସାରିବାକୁ ବାଚସ୍ପତିଙ୍କ ଅଧକ୍ଷତାରେ ଆସନ୍ତାକାଲି ସର୍ବ ଦଳୀୟ ବୈଠକ ବସିବ । ବହୁ ପ୍ରସଙ୍ଗକୁ ନେଇ ବଜେଟ ଅଧିବେଶନ ବେଶ ସରଗରମ ହେବ । ତେବେ ଏହାକୁ ସରକାର କିପରି ମୁକାବିଲା କରିବେ ତାକୁ ନେଇ ଚିନ୍ତାରେ ପଡିଛି ଶାସକ ଦଳ ।

## ହିଂସା କ୍ଷତିଗ୍ରସ୍ତ ମଣିପୁରରେ କାହାକୁ ମୁଖ୍ୟମନ୍ତ୍ରୀ କରିବ ବିଜେପି ଦୌଡରେ ୫ ନେତା



ଭୁବନେଶ୍ୱର,୧୧।୨(ପି.ଏନ): ରବିବାର ହିଂସା କ୍ଷତିଗ୍ରସ୍ତ ମଣିପୁରର ମୁଖ୍ୟମନ୍ତ୍ରୀ ପଦରୁ ଏନ ବୀରେନ ସିଂହଙ୍କ ଅପ୍ରତ୍ୟାଶିତ ଇସ୍ତଫା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ୨୦୨୩ ମେ' ମାସରୁ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧରେ ସଂଘର୍ଷ ଚାଲିଥିବା ବେଳେ ବୀରେନ ସିଂହ ଏହାକୁ ରୋକିବାକୁ କାହିଁକି ବିଫଳ ହେଲେ ବିଫଳତା ସତ୍ତ୍ୱେ ବିଜେପି ତାଙ୍କୁ କାହିଁକି ମୁଖ୍ୟମନ୍ତ୍ରୀ ପଦରୁ ହଟାଉ ନଥିଲା? ଏବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବାରୁ ଧମକ ଦେବାରୁ ବୀରେନ ସିଂହ ଇସ୍ତଫା ଦେଇଛନ୍ତି କି? ଏସବୁ ପ୍ରଶ୍ନ ଭିତରେ ସବୁଠାରୁ ବଡ କଥା ହେଲା ବୀରେନ ସିଂହ ଇସ୍ତଫା ଦେଇଥିବାରୁ ତାଙ୍କ ସ୍ଥାନ କିଏ ନେବେ ହିଂସା କ୍ଷତିଗ୍ରସ୍ତ ମଣିପୁରର ମୁଖ୍ୟମନ୍ତ୍ରୀ କିଏ ହେବେ? ଭାରତୀୟ ଜନତା ପାର୍ଟି ବିଧିବଦ୍ଧ ଭାବେ ଆଶାୟୀଙ୍କ ନାଁ ଘୋଷଣା କରିନାହିଁ ସତ, କିନ୍ତୁ ଟପ୍ ପୋଷ୍ଟ ଦୌଡରେ ୫ ନେତା ରହିଥିବା କୁହାଯାଉଛି।

# ଲକ୍ଷ୍ୟପଥରେ ବିଜେପିର ବଡ ଅଗ୍ରଗତି



ଭୁବନେଶ୍ୱର,୧୧।୨(ପି.ଏନ): ଗତ ଲୋକସଭା ନିର୍ବାଚନରେ ବିଜେପି ସ୍ଥିର କରିଥିବା ଲକ୍ଷ୍ୟପଥରେ ପହଞ୍ଚି ନପାରିବା ପରେ ଯେଉଁମାନେ ଖୁସି ହେଉଥିଲେ ସେମାନେ ସେହି ନିର୍ବାଚନ ପରଠାରୁ ହୋଇଥିବା ବିଧାନସଭା ନିର୍ବାଚନଗୁଡିକରେ ବିଜେପି କିପରି ତାହାର ଲକ୍ଷ୍ୟପଥରେ ପୂର୍ବପରି ଅତୁଟ ରହିଛି ତାହା ଦେଖିସାରିଲେଣି। ଲୋକସଭାରେ ଦଳ ପକ୍ଷରୁ ୪୦୦ ଆସନର ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ସଫଳ ହୋଇଥିଲେ ବିଜେପି ସାରାଦେଶରେ ଇଚ୍ଛାମୁତାବକ ନୀତି ଓ କାର୍ଯ୍ୟକ୍ରମ ଅତି ସହଜରେ କରିପାରିଥାନ୍ତା। କିନ୍ତୁ ବିଜେପିର ଏହି ଲକ୍ଷ୍ୟକୁ ବିରୋଧୀମାନଙ୍କର ମେଣ୍ଟ ଯାହାକୁ ଇଣ୍ଡିଆ କୁହାଯାଉଛି ତାହାକୁ ଏକ ମିଳିତ ସ୍ଲୋଗାନ ଜରିଆରେ ଓ ସମ୍ବିଧାନ ବଦଳାଇ ଦିଆଯିବାର ଆଶଙ୍କା ସୃଷ୍ଟି କରି ବିଜେପିକୁ ୨୪୦ ଆସନରେ ସୀମିତ କରିଦେଇଥିଲେ। ଦୀର୍ଘ ୧୦ ବର୍ଷ ପରେ କଂଗ୍ରେସ ଲୋକସଭାରେ ସ୍ୱୀକୃତିପ୍ରାପ୍ତ ବିରୋଧୀଦଳ ହେବା ସହିତ ଧ୍ରୁବୀକରଣ ରାଜନୀତିର ପେଣ୍ଠ ସାଜିଥିବା ଓ ରାମ ମନ୍ଦିର ନିର୍ମାଣ ଜନିତ ହିନ୍ଦୁତ୍ୱ ବାତାବରଣର ଭୂସ୍ୱର୍ଗ ପାଲଟିଥିବା ଉତ୍ତର ପ୍ରଦେଶରେ ତାହା ଇଣ୍ଡିଆ ମେଣ୍ଟଠାରୁ ପଛରେ ରହିଯାଇଥିଲା। ସେହିପରି ବିଜେପିର ଇଡି, ସିବିଆଇ ଓ ଇନକମ ଟ୍ୟାକ୍ସ ବିଭାଗ ଜରିଆରେ ବିରୋଧୀମାନଙ୍କୁ ଭୟଭୀତ କରି ସେଥିରେ ଦକ୍ଷତାର ସହିତ ସଫଳତା ହାସଲ କରିଥିବା ମହାରାଷ୍ଟ୍ରରେ ବିଜେପି ମେଣ୍ଟଠାରୁ ଇଣ୍ଡିଆ ମେଣ୍ଟ ଆଗକୁ ଚାଲିଯାଇଥିଲା। କିନ୍ତୁ ଏହି ସମସ୍ତ ବିରୋଧୀ ସଫଳତା ସତ୍ତ୍ୱେ ନରେନ୍ଦ୍ର ମୋଦୀ ଏନଡିଏର ପୁର୍ନବିନ୍ୟାସ କରି ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବାରେ ଅସୁବିଧା ରହିନଥିଲା। ବିଜେପି ଓ ମୋଦୀ ଲୋକସଭାରେ ଆଶାଜନକ ସଫଳତା ପାଇନଥିଲେ ମଧ ସେମାନଙ୍କ ଲକ୍ଷ୍ୟଚ୍ୟୁତ ହୋଇନଥିଲେ।

ଅପରପକ୍ଷରେ ଇଣ୍ଡିଆ ମେଣ୍ଟର ଖୁସି କ୍ଷଣସ୍ଥାୟୀ ଭଳି କିଛି ମାସ ଭିତରେ ମିଳେଇ ଯାଇଥିଲା। କାରଣ ଲୋକସଭା ନିର୍ବାଚନର ବିପର୍ଯ୍ୟୟ ପରେ ଯେତେଗୁଡିଏ ରାଜ୍ୟ ବିଧାନସଭା ନିର୍ବାଚନ ହୋଇଛି ସେଥିରେ ଗୋଟିଏ ପକ୍ଷରେ ଜାମ୍ମୁ କାଶ୍ମୀର ଓ ଝାଡଖଣ୍ଡରେ ଇଣ୍ଡିଆ ମେଣ୍ଟ ସେମାନଙ୍କ ଶକ୍ତି କାଏମ କରିଥିଲେ ମଧ ହରିଆଣା ଓ ପରେ ମହାରାଷ୍ଟ୍ର ପରି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଇଣ୍ଡିଆ ମେଣ୍ଟର ଅଂଶ ମହାଅଗାଡି ଶୋଚନୀୟ ଭାବେ ପରାସ୍ତ ହେବା ଓ ବିଜେପି ମେଣ୍ଟ ବିପୁଳ ବିଜୟ ହାସଲ କରି ଇଣ୍ଡିଆ ମେଣ୍ଟରେ ଭୟର ବାତାବରଣ ସୃଷ୍ଟି କରିପାରିଛନ୍ତି। ହରିଆଣାରେ କଂଗ୍ରେସର ପରାଜୟ ଓ ମହାରାଷ୍ଟ୍ରରେ ବିଜେପି ମେଣ୍ଟର ବିପୁଳ ବିଜୟ ପରେ ସିଧାସଳଖ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଉଥିବା କଂଗ୍ରେସ ଦଳ ଉପରେ ସହଯୋଗୀମାନଙ୍କ ପକ୍ଷରୁ ଆକ୍ରମଣ ବଢ଼ିଚାଲିଲା। ଏହି ପରିସ୍ଥିତିରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ମେଣ୍ଟ କୌଣସି ଚିନ୍ତା ମଧ କରିନପାରି ସେଠାରେ ସରକାରରେ ଥିବା ଆପ୍ ଓ କଂଗ୍ରେସ ପରସ୍ପର ବିରୋଧରେ ନିର୍ବାଚନ ଲଢ଼ିଲେ। ସେମାନେ ଭୁଲିଗଲେ ଯେ, ସେହି ସ୍ଥାନରେ ବିଜେପି ହିଁ ମୁଖ୍ୟ ବିରୋଧୀ ଶକ୍ତି ଓ ଆପ୍ ପରାଜିତ ହେଲେ ବିଜେପି ହିଁ ଲାଭବାନ୍ ହେବ।ଗତ ୨୭ ବର୍ଷ ଧରି ଦିଲ୍ଲୀ ବିଧାନସଭାରେ କ୍ଷମତା ପାଇନଥିବା ଓ ମୋଦୀଙ୍କ ଶାସନରେ ତିନୋଟି ଲୋକସଭା ନିର୍ବାଚନରେ ସମସ୍ତ ଆସନ ବିଜେପି ଜିତିଲେ ମଧ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମି ପାର୍ଟି ବରାବର ବିପୁଳ ବିଜୟ ହାସଲ କରି ଚାଲିଥିଲା। ତେଣୁ ଦିଲ୍ଲୀକୁ ଦଖଲ କରିବା ବିଜେପିର ଏକ ମୌଳିକ ଲକ୍ଷ୍ୟ ଭାବରେ ରହିଥିଲା। ସେଥିପାଇଁ ସାଧୁତା, ସ୍ୱଚ୍ଛତା ଓ ନୈତିକତା ଆଧାର ଉପରେ ନିଜକୁ ପ୍ରତିଷ୍ଠା କରି କେଜ୍ରିୱାଲ୍ ଯେଉଁ ଦିଲ୍ଲୀ ମଡେଲର ଶାସନ ଦେଖାଇ ୧୦ ବର୍ଷରେ ଜାତୀୟ ଦଳରେ ପରିଣତ ହୋଇଥିଲା ତାହାକୁ ଭାଙ୍ଗିବା ବିଜେପି ପାଇଁ ଚାଲେଞ୍ଜ ହୋଇଥିଲା। ସେହି ଲକ୍ଷ୍ୟରେ ଗତ ୩ ବର୍ଷ ଅର୍ଥାତ୍ କୋଭିଡ୍ ପରେ ପରେ ଅରବିନ୍ଦ କେଜ୍ରିୱାଲଙ୍କର ସାଧୁତା ଓ ନୈତିକତା ଭାବମୂର୍ତ୍ତିକୁ ନଷ୍ଟ କରିବା ପାଇଁ ସେ ନିଜେ ଦିଲ୍ଲୀ ପାଇଁ ଯେଉଁ ମଦ ନୀତି କରିଥିଲେ ସେଥିରେ ଦୁର୍ନୀତିର ଗନ୍ଧ ଥିବା ଅଭିଯୋଗ କରି ଇଡି ପକ୍ଷରୁ ଓ ସିବିଆଇ ପକ୍ଷରୁ ଆପ୍ ନେତାମାନଙ୍କ ବିରୋଧରେ ମାମଲା ଆଗତ ହେଲା। ଏଥିରେ କେଜ୍ରିୱାଲ୍ ଓ ଦ୍ୱିତୀୟ କ୍ଷମତାଶାଳୀ ଆପ୍ ନେତା ମନୀଷ ସିସୋଦିଆ ଦିଲ୍ଲୀର କିଛି ମନ୍ତ୍ରୀଙ୍କ ସମେତ ରାଜ୍ୟସଭା ସଦସ୍ୟ ସଞ୍ଜୟ ସିଂହ ଏହି ଦୁର୍ନୀତି ମାମଲାରେ ଅର୍ଥ ନେଇଥିବା ଅଭିଯୋଗ କରି ଇଡି ଦ୍ୱାରା ଗିରଫ ହେଲେ। ସେମାନେ ସୁପ୍ରିମ କୋର୍ଟ ଦ୍ୱାରା ଜାମିନ୍ ପାଇଲେ ମଧ ସେମାନଙ୍କୁ ମାସ ମାସ ଧରି ଜେଲରେ ରହିବାକୁ ପଡିଲା ଓ ଜାମିନ୍ ସର୍ତ୍ତରେ ସୁପ୍ରିମ କୋର୍ଟ ଯାହା ଉଲ୍ଲେଖ କଲେ ସେଥିରେ ସେମାନେ ନିଜକୁ ନିର୍ଦ୍‌ଦୋଷ ବୋଲି ସାଧାରଣରେ ବୁଝାଇବା କଷ୍ଟକର ହୋଇଗଲା। ଯଦିଓ ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହୋଇନାହିଁ। ସେତେବେଳେ ଇଣ୍ଡିଆ ମେଣ୍ଟର ସଦସ୍ୟମାନେ ଏପରିକି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ କେନ୍ଦ୍ର ସରକାରଙ୍କର ଏହିସବୁ ପଦକ୍ଷେପ ରାଜନୈତିକ ପ୍ରତିଶୋଧ ମୂଳକ ଆଚରଣ ବୋଲି ଅଭିହିତ କରିଥିଲେ। କିନ୍ତୁ ବିଧାନସଭା ନିର୍ବାଚନରେ ସେମାନେ ପରସ୍ପର ବିରୋଧରେ ଲଢ଼ିବା ପରେ ସେହି କଂଗ୍ରେସ ନେତାମାନେ ଯେଉଁ ପ୍ରଚାର କଲେ ସେଥିରୁ ମନେହେଲା ବିଜେପି ଯେପରି ଭାବରେ କେଜ୍ରିୱାଲଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହୁଛି କଂଗ୍ରେସ ଦଳ ମଧ ସେଥିରେ ପୂରା ଏକମତ ଅଛି। ମଦନୀତି ଦୁର୍ନୀତି ଓ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ବା ଶିଶ ମହଲ ନେଇ ବିଜେପିର ଅଭିଯୋଗକୁ କଂଗ୍ରେସ ବଳପ୍ରଦାନ କରି ସେହି କଥାକୁ ବେଶି ଗୁରୁତ୍ୱ ଦେବା ଫଳରେ କେଜ୍ରିୱାଲଙ୍କ ନିର୍ମଳ ଭାବମୂର୍ତ୍ତି ଚୂରମାର୍ ହୋଇଯିବାରୁ ମଧ୍ୟବିତ୍ତ ଶ୍ରେଣୀ ତାଙ୍କୁ ସହଜରେ ଛାଡିଦେଲେ। ଏହି ଶ୍ରେଣୀ ଲୋକସଭା ନିର୍ବାଚନରେ ବରାବର ମୋଦୀଙ୍କୁ ସମର୍ଥନ କରନ୍ତି।

## ଚାଲିଥିଲା ବେଆଇନ୍ କରତକଳ, ୩ଟି ସ୍ଥାନରେ ବନ ବିଭାଗର ଚଢ଼ାଉ, ଲକ୍ଷାଧିକ ଟଙ୍କାର କାଠ ଜବତ




ବାଲେଶ୍ୱର,୧୧।୨(ପି.ଏନ): ବେଆଇନ କରତ କଳ ଉପରେ ବନ ବିଭାଗର ମାରାଥନ ଚଢ଼ାଉ । ଏହି ଚ?ାଉ ସମୟରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଏବଂ ନାମିଦାମୀ କାଠ ବନବିଭାଗ ଜବତ କରିଥିବା ସୂଚନା ମିଳିଛି ।ମାମଲା କ'ଣ: ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କହ୍ନେଇବିନ୍ଧା, ସାହୁଖୋର୍ଦ୍ଧା ଏବଂ ମଇତାପୁର ଆଦି ଅଞ୍ଚଳରେ ଦୀର୍ଘ ଦିନ ଧରି ଥିବା ବେଆଇନ କରତକଳ ଉପରେ ଭିଜିଲାନ୍ସ ଏବଂ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି ।ବେଆଇନ କରତକଳ ଉପରେ ବାରମ୍ବାର ବନବିଭାଗ ଚଢ଼ାଉ କରୁଥିଲେ ସୁଦ୍ଧା କାହାରିକୁ ଖାତିର ନକରି ବନବିଭାଗକୁ ଚାଲେଞ୍ଜ କରି ଏହି କରତକଳ ଗୁଡ଼ିକ ଚାଲିଆସୁଥିଲା ।ଚ?ାଉ ଟିମ୍: ତେବେ କୌଣସି ସୂତ୍ରରୁ ଖବର ପାଇ ବାଲେଶ୍ୱର ଡିଏଫଓ ଖୁସବତ ସିଂଙ୍କ ନିର୍ଦ୍ଦେଶ କ୍ରମେ କଟକ ଭିଜେଲାନ୍ସ ଟିମ ସହ ଚାନ୍ଦିପୁର, ବାଲେଶ୍ୱର ଏବଂ ସୋର ବନବିଭାଗ ତରଫରୁ ମିଳିତ ଚଢ଼ାଉ କରାଯାଇଛି ।ଏହି ଚଢ଼ାଉ ବେଳେ ଇଉର ଜୟଶ୍ରୀ ମୁର୍ମୁ, ସୋର ରେଞ୍ଜର ହରିହର ମାଝୀ, ସିମୁଳିଆ ଅତିରିକ୍ତ ତହସିଲଦାର ଅଙ୍କିତା ମହାନ୍ତି ଏବଂ ବନବିଭାଗର ଅନ୍ୟ କର୍ମଚାରୀଙ୍କ ସମେତ ସିମୁଳିଆ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।






# ଦାନ୍ତର ହଳଦିଆପଣକୁ ଦୂର କରିବାର ଘରୋଇ ଉପଚାର

ଯଦି ତୁମେ ତୁମର ଚେହେରାକୁ ସୁନ୍ଦର କରିବାକୁ ଚାହୁଁଛ। ତେବେ ପ୍ରଥମେ ତୁମକୁ ଦାନ୍ତରେ ସବୁ ଖର୍ଚ୍ଚ କରିବାକୁ ପଡିବ। କାରଣ ହଳଦିଆ ଦାନ୍ତ ଚେହେରାର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ ଏବଂ ସର୍ବସାଧାରଣ ସ୍ଥାନରେ ଖୋଲାଖୋଲି ହସିବା କଷ୍ଟକର ହୋଇଯାଏ। ସାଧାରଣତଃ ଦାନ୍ତ ମଇଳା ହୋଇଥାଏ କାରଣ ଆମେ ସେମାନଙ୍କୁ ନିୟମିତ ସଫା କରୁନାହୁଁ। ଏହା ବ୍ୟତୀତ ଚା, କଫି, ପାନ, ସିଗାରେଟ୍, ଗୁଟଖା ଏବଂ ତମାଖୁର ହେତୁ ହଳଦିଆ ଦାନ୍ତ ଦେଖାଯିବା ଆରମ୍ଭ କରେ। ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ସର୍ବପ୍ରଥମେ ଖରାପ ଅଭ୍ୟାସ ଛାଡିଦିଅନ୍ତୁ ଏବଂ ତା'ପରେ ରୋଷେଇ ଘରେ ରଖାଯାଇଥିବା କିଛି ଜିନିଷର ସାହାଯ୍ୟରେ ଆପଣ ଦାନ୍ତର ହଳଦିଆ ରଙ୍ଗ ଦୂର କରିପାରିବେ।



୧- ଧଳା ଏବଂ ଚକଚକିଆ ଦାନ୍ତ ପାଇବା ପାଇଁ ପ୍ରଥମେ କମଳା ଚୋପା, ଟମାଟୋ ଏବଂ ଲୁଣ ନିଅନ୍ତୁ। ଏହି ଜିନିଷ ଗୁଡ଼ିକର ମିଶ୍ରଣ ହେତୁ ପାଟିରେ ଉତ୍ପନ୍ନ ଜୀବାଣୁକୁ ବାହାର କରିଥାଏ। ଏହି ତିନୋଟି ଜିନିଷକୁ ଏକ ମିକ୍ସର୍ ଗ୍ରାଇଣ୍ଡରରେ ଗ୍ରାଇଣ୍ଡ୍ କରନ୍ତୁ ଏବଂ ତା'ପରେ ଏହି ପେଷ୍ଟକୁ ଟୁଥ୍ ବ୍ରଶରେ ଲଗାଇ ଦାନ୍ତ ଘଷନ୍ତୁ। ଏହା ପରେ ତୁମେ ଟୁଥପେଷ୍ଟ ସହିତ ପୁଣି ସଫା କରନ୍ତୁ।

୨-ହଳଦିଆ ଦାନ୍ତ ସଫା କରିବା ପାଇଁ ଆପଣ ବେକିଂ ସୋଡା, ଲୁଣ ଏବଂ ନଡିଆ ତେଲ ମଧ୍ୟ ବ୍ୟବହାର କରିପାରିବେ। ଏହି ତିନୋଟି ଜିନିଷକୁ ମିଶ୍ରଣ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ତା'ପରେ ଆଙ୍ଗୁଠି କିମ୍ବା ଟୁଥ୍ ବ୍ରଶ୍ ସାହାଯ୍ୟରେ ଦାନ୍ତ ଘଷନ୍ତୁ, ମନେରଖନ୍ତୁ ଯେ ଏହି ପେଷ୍ଟକୁ ମାସରେ ମାତ୍ର ଦୁଇଥର ବ୍ୟବହାର କରିବା ଉଚିତ୍। ଯେଉଁମାନଙ୍କର ଦାନ୍ତରେ ସମ୍ବେଦନଶୀଳତାର ସମସ୍ୟା ରହିଛି ସେମାନେ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ।

୩-ଦାନ୍ତର ହଳଦିଆ ରଙ୍ଗକୁ ହଟାଇବା ପାଇଁ ଆପଣ କଦଳୀ ଚୋପା ମଧ୍ୟ ବ୍ୟବହାର କରିପାରିବେ। ଏହି ଚୋପା ସାହାଯ୍ୟରେ ଦାନ୍ତକୁ ହାଲକା ଭାବରେ ହାତରେ ମସାଜ୍ କରନ୍ତୁ ଏବଂ ତା'ପରେ ଦେଖିବେ ଦାନ୍ତର ଚମକ।

୪-ନିମ୍ବର ଔଷଧିଅ ଗୁଣ ବିଷୟରେ ସମସ୍ତେ ଅବଗତ। ଯଦି ଆପଣ ଦୈନିକ ଭାବରେ ନିମ୍ବକୁ ଦାନ୍ତରେ ଘଷନ୍ତି ଖରାପ ଜୀବାଣୁକୁ ନଷ୍ଟ କରିଦିଏ। ବରଂ ଦାନ୍ତର ହଳଦିଆତାକୁ ମଧ୍ୟ ଦୂର କରିଥାଏ।

# ରାଗିଲେ ଉର୍ବଶୀ, ଖବରଦାତାଙ୍କ ବିରୋଧରେ କଲେ ମାନହାନି ମାମଲା

ବିଭିନ୍ନ କ୍ରିକେଟରଙ୍କ ସହ ନାଁ ଯୋଡ଼ାଯିବାକୁ ନେଇ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା କିଛି ଦିନ ହେଲା ପୁଣି ଲାଇମଲାଇଟ୍‌କୁ ଆସିଛନ୍ତି। ତାଙ୍କ ନାଁରେ ଭୁଲ୍ ଖବର ପ୍ରସାରଣ କରାଯାଇଥିବାରୁ ଉର୍ବଶୀ ରାଗି ଯାଇଛନ୍ତି। ଏଥିଯୋଗୁ ଜଣେ ଖବରଦାତାଙ୍କ ବିରୋଧରେ ମାନହାନି ମାମଲା କରିବା ସହ ତାଙ୍କୁ ଲିଗାଲ ନୋଟିସ୍ ମଧ୍ୟ ପଠାଇଛନ୍ତି। ନିଜକୁ ଫିଲ୍ମ କ୍ରିଟିକ୍ କହୁଥିବା ଉମର ସାନ୍ଧୁ ନିଜ ଟୁଇଟର ଆକାଉଂଟରେ ଉର୍ବଶୀଙ୍କ ନାଁରେ ମିଥ୍ୟା ଖବର ପ୍ରସାରଣ କରିଥିବା ଅଭିଯୋଗ ହୋଇଛି। ଟୁଇଟ୍‌ରେ ଉମର ସାନ୍ଧୁ ଲେଖିଛନ୍ତି, 'ୟୁରୋପରେ 'ଏଜେଂଟ'ର ଆଇଟମ୍ ଗୀତ ଶୁଟିଂବେଳେ ଅଖିଲ ଅକ୍କିନେନି ବଲିଉଡ୍ ଅଭିନେତ୍ରୀ ଉର୍ବଶୀଙ୍କୁ ନିର୍ଯାତନା ଦେଇଥିଲେ। ଅଭିନେତ୍ରୀଙ୍କ ଅନୁସାରେ ଅଭିନେତା ଜଣକ ବହୁତ ପିଲାଳିଆମୀ କରନ୍ତି। ତେଣୁ ତାଙ୍କ ସହ କାମ କରିବାରେ ଅସହଜ ଲାଗେ'। ଏହି ପୋଷ୍ଟରେ ଉମର ସାନ୍ଧୁ ଉଭୟ ଅକ୍କିନେନି ଏବଂ ଉର୍ବଶୀଙ୍କ ଫଟୋ ଏକାଠି ରଖି ଶେୟାର କରିଥିଲେ। ଏଥିରେ ଉର୍ବଶୀଙ୍କ ରାଗ ଚରମରେ ପହଂଚିଯାଇଥିଲା। ଉର୍ବଶୀ ଏକ ଟୁଇଟ୍ କରି ଉକ୍ତ ଟୁଇଟ୍‌ର ସ୍କ୍ରିନ୍‌ଶଟ୍ ପୋଷ୍ଟ କରିଛନ୍ତି। ଏହାକୁ ଭୁଲ୍ ଖବର ବୋଲି ଉର୍ବଶୀ ଲେଖିଛନ୍ତି। ସେ କହିଛନ୍ତି, ମୋ ଲିଗାଲ ଟିମ୍ ଆପଣଙ୍କୁ ମାନହାନି ମାମଲାରେ ନୋଟିସ୍ ପଠାଉଛନ୍ତି। ଆପଣଙ୍କ ଭଳି ଖବରଦାତାଙ୍କ ଭୁଲ୍ ଖବର ଯୋଗୁ ଅନେକେ ବିରକ୍ତ ହୋଇଗଲେଣି। ଆପଣ ମୋ ଅଫିସିଆଲ ସ୍ପୋକ୍ସପର୍ସନ ବା ମୁଖପାତ୍ର ନୁହଁନ୍ତି। ଆପଣ ଜଣେ ଅପରିପକ୍ୱ ସାମ୍ବାଦିକ ଯିଏ ମୋତେ ଏବଂ ମୋ ପରିବାରକୁ ଅସହଜ ମନେକରାଇଛନ୍ତି। ଏହା ପୂର୍ବରୁ ଉମରର ଉର୍ବଶୀଙ୍କ ନାଁରେ ଟୁଇଟ୍ କରି ଅଭିନେତ୍ରୀଙ୍କ ଚରିତ୍ର ଉପରେ ଅଙ୍ଗୁଳି ଉଠାଇଥିଲେ। ସିନେ ସମାଲୋଚକ କେଆରକେ ଏହାକୁ ରିଟୁଇଟ୍ କରିଥିଲେ। ସେହିପରି ସେଲିନା ଜେଟ୍‌ଲୀଙ୍କ ନାଁରେ ମଧ୍ୟ ଉମର ଟୁଇଟ୍ କରି ବିବାଦୀୟ ଟିପ୍ପଣୀ ଦେଇଥିଲେ। ୱାର୍କଫ୍ରଂଟକୁ ଦେଖିଲେ ଉର୍ବଶୀ ଏବେ ଅଭିନେତା ନାଗାର୍ଜୁନଙ୍କ ପୁଅ ଅଖିଲ ଅକ୍କିନେନୀଙ୍କ ସହ ପ୍ୟାନ୍ ଇଣ୍ଡିଆ ଫିଲ୍ମ 'ଏଜେଂଟ' କାମରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ମମୁଟି ମଧ୍ୟ ପ୍ରମୁଖ ଚରିତ୍ରରେ ଅଛନ୍ତି। ଏହାର ବଜେଟ ଶହେ କୋଟି ଟଙ୍କା ବୋଲି କୁହାଯାଉଛି। ଏହା ଏକ ଭାରତୀୟ ସ୍ପାଏ-ଥ୍ରିଲର ଫିଲ୍ମ ହେବ। ସୁରେନ୍ଦ୍ର ରେଡ୍ଡୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି।



# ଭଉଣୀ ଶାହିନ୍‌ଙ୍କୁ ଫ୍ଲାଟ୍ ଗିଫ୍ଟ କଲେ ଆଲିଆ

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ। ସେ କିଛି ନା କିଛି କାରଣ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥା'ନ୍ତି। ବର୍ତ୍ତମାନ ତାଙ୍କ ସମ୍ପତି କିଣିବା ବିଷୟରେ ଆଲୋଚନା ହେଉଛି। ବାସ୍ତବରେ, ଆଲିଆଙ୍କ ପ୍ରଡକ୍ସନ୍ ହାଉସ୍ ଇଂଟରନଲ ସନସାଇନ ପ୍ରଡକ୍ସନ୍ ପ୍ରାଇଭେଟ୍? ଲିମିଟେଡ୍ ବାନ୍ଦ୍ରା ୱେଷ୍ଟର ପାଲି ହିଲ୍ ଅଞ୍ଚଳରେ ୩୭.୮୦ କୋଟିର ଏକ ଆପାର୍ଟମେଂଟ କିଣିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ଦୁଇଟି ଘର କିଣିଛନ୍ତି। ତାଙ୍କ ଭଉଣୀ ଶାହିନ୍ ଭଟ୍ଟଙ୍କୁ ମଧ୍ୟ ଉପହାର ଦେଇଛନ୍ତି। ତେବେ ଏହା ଉପରେ ଆଲିଆଙ୍କ ପକ୍ଷରୁ କୌଣସି ସରକାରୀ ବିବୃତି ଆସିନାହିଁ। ରିପୋର୍ଟ ଅନୁଯାୟୀ, ଇଣ୍ଡେକ୍ସ ଟ୍ୟାପ୍ ଡଟ୍ କମରୁ ମିଳିଥିବା ଡକ୍ୟୁମେଂଟ ଅନୁଯାୟୀ, ଆଲିଆ ଭଟ୍ଟଙ୍କ କମ୍ପାନୀ କିଣିଥିବା ଆପାର୍ଟମେଂଟଟି ୨ ହଜାର ୪୯୭ ବର୍ଗଫୁଟ ଉପରେ ବ୍ୟାପିଛି ଏବଂ ଏରିଆଲ୍ ଭ୍ୟୁ କୋଅପରେଟିଭ୍ ହାଉସିଂ ସୋସାଇଟି ଲିମିଟେଡ୍‌ରେ ଅବସ୍ଥିତ। ରେସିଡେନସିଆଲ ସମ୍ପତି ଗୋଲ୍ଡ ଷ୍ଟ୍ରିଟ୍ ମର୍କାଂଟାଇଲ୍ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ଠାରୁ କିଣାଯାଇଛି। ଏହି ଚୁକ୍ତିନାମା ୧୦ ଏପ୍ରିଲ ୨୦୨୩ ରେ ପଞ୍ଜୀକୃତ ହୋଇଥିଲା ଏବଂ ୨.୨୬ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ପ୍ରଦାନ କରାଯାଇଥିଲା। ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଆଲିଆ ପ୍ରାଇଜ ସାର୍ଟିଫିକେଟ୍ ଜରିଆରେ ତାଙ୍କ ଭଉଣୀ ଶାହିନ୍ ଭଟ୍ଟଙ୍କୁ ଦୁଇଟି ଘର ଦେଇଛନ୍ତି। ଏହି ଆପାର୍ଟମେଂଟର ମୂଲ୍ୟ ୭.୬୦ କୋଟି ଟଙ୍କା। ଏହା ଜୁହୁ ଠାରେ ଅବସ୍ଥିତ। ପ୍ରଥମ ଘର ୧ ହଜାର ୧୯୭ ବର୍ଗଫୁଟ ଥିବା ବେଳେ ଦ୍ୱିତୀୟ ଫ୍ଲାଟ ୮୮୯.୭୫ ଉପରେ ବିସ୍ତାର ହୋଇଛି। ଏହି ରିପୋର୍ଟରେ କୁହାଯାଇଛି, "କାରବାର ପାଇଁ ୩୦.୭୫ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦିଆଯାଇଛି। ଏହା ଏକ କାର ପାର୍କିଂ ସହିତ ଆସିଥାଏ। କିନ୍ତୁ ଏସବୁକୁ ନେଇ ଆଲିଆ ନିଜର କୌଣସି ପ୍ରତିକ୍ରିୟା କରିନାହାନ୍ତି।



# ପିଲାଦିନେ ବିକ୍ରି କରୁଥିଲେ ଖବର କାଗଜ, ଏବେ ୪୦୦ରୁ ଅଧିକ କାର

ବେଙ୍ଗାଲୁରୁର ରମେଶ ବାବୁଙ୍କୁ କୋଟିପତି ଭଣ୍ଡାରି କୁହାଯାଏ ଏବଂ ସେ ଭାରତରେ ବିଳାସପୂର୍ଣ୍ଣ କାର କିଣିବାରେ ଆଗରେ ଅଛନ୍ତି । ରମେଶ ବାବୁଙ୍କ ପାଖରେ ପାଖାପାଖି ୪୦୦ଟି ଲଗଜୁରୀ କାର ଅଛି, ଯେଉଁଥିରେ ରୋଲିଜ ରୟସ, ମର୍ସିଡିଜ୍ ମେବ୍ୟାକ, ରେଞ୍ଜ ରୋଭର୍ସ ଓ ବେଂଟାଲିସ୍ ସାମିଲ ଅଛି। ରମେଶ ବାବୁଙ୍କ ପିତା ଜଣେ ଭଣ୍ଡାରି ଥିଲେ। ରମେଶ ବାବୁଙ୍କୁ ୭ବର୍ଷ ବୟସ ହୋଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ରମେଶ ବାବୁଙ୍କ ପିତାଙ୍କ ଅବେଳରେ ମୃତ୍ୟୁ ତାଙ୍କ ମାଆଙ୍କ ପାଇଁ ଦୁଃଖର ପାପାହଡ଼ ସଦୃଶ ହୋଇଥିଲା। ୫ଟଙ୍କାର ସାମାନ୍ୟ ଅର୍ଥ ରାଶି ପାଇଁ ଜଣେ ସଂପର୍କୀୟ ଦାଦାଙ୍କୁ ସେଲୁନ ଉଧାର ଦେବାକୁ ବାଧ୍ୟ ହୋଇଥିଲେ। ପୁଣି ରମେଶ ବାବୁ ଖବର କାଗଜ ବିକ୍ରି କରିବା ସହ ଛୋଟମୋଟ କାମ କରି ପରିବାରକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବାକୁ ଚେଷ୍ଟା କଲେ। ଗୋଟିଏ ସମୟ ଥିଲା ଯେବେ ରମେଶ ବାବୁଙ୍କ ପରିବାର ପାଖରେ ଠିକ୍‌ରେ ଖାଇବାକୁ ଟଙ୍କା ନଥିଲା ଏବଂ ସେମାନେ ଭୋକିଲା ରହି ଯାଉଥିଲେ। ରମେଶ ବାବୁ ୧୯୯୦ ଦଶକରେ ସେଲୁନ ବ୍ୟବସାୟ ଆରମ୍ଭ କଲେ ଏବଂ ଖୁବ୍ ଶୀଘ୍ର ସେ ଭଲ ଭାବେ ଅର୍ଥ କମାଇବା ଆରମ୍ଭ କଲେ। ସେ ପାଖାପାଖି ୧୫୦ ଟଙ୍କାରେ ଚୁଟି କାଟନ୍ତି। ରମେଶ ବାବୁ ଅର୍ଥ ବଂଚାଇବାକୁ ଆରମ୍ଭ କଲେ ଏବଂ ଗାଡ଼ି ଭଡ଼ା ଦେବାକୁ ଏକ ମାରୁତି ଓମିନି କାର କିଣିଲେ। ରମେଶ ବାବୁ ସେତେବେଳେ ରମେଶ ଟୁରସ ଆଣ୍ଡ ଟ୍ରାଭେଲ୍ସ ନାମକ ଏକ କାର ରେଂଟଲ ଓ ସେଲ୍ଫ ଡ୍ରାଇଭ ଏଂଟରପ୍ରାଇଜେସ୍ ଆରମ୍ଭ କଲେ । କିଛି ମାସ ପରେ ସେ ଏକ ମର୍ସିଡିଜ ଇ କ୍ଲାସ ସେଡାନ କିଣିଲେ ଏବଂ ଭଡ଼ାରେ ଲଗଜୁରୀ କାର ଦେବାରେ ସହରରେ ସେ ପ୍ରଥମ ବ୍ୟକ୍ତି ହୋଇଗଲେ। ରମେଶ ବାବୁ ସେତେବେଳେ ୩ କୋଟି ଟଙ୍କାର ରୋଲ୍ସ ରୟସ ଘୋଷ୍ଟ କାର କିଣିଥିଲେଲେ, ଏହାସହ ବିଏମଡବ୍ଲ୍ୟୁ, ଜଗୁଆର ଓ ବେଂଟଲେ ଲଗଜୁରୀ ସେଡାନ ଭଳି ଅନ୍ୟ ଗାଡ଼ି ମଧ୍ୟ କିଣିଲେ, ୨୦୧୭ରେ ରମେଶ ବାବୁ ଖୁବ୍ ଚର୍ଚ୍ଚିତ ହେଲେ ଯେବେ ସେ ୨.୬ କୋଟି ଟଙ୍କାର ମେବ୍ୟାକ ଏସ୍୬୦୦ କିଣିଥିଲେ। ରମେଶ ବାବୁଙ୍କ ଅନୁସାରେ, ତାଙ୍କ କାର ସର୍ଭିସର ବ୍ୟବହାର କରୁଥିବା ବଡ଼ ବଡ଼ ବ୍ୟକ୍ତିଙ୍କ ମଧ୍ୟରେ ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଆମିର ଖାନଙ୍କ ଭଳି ପ୍ରସିଦ୍ଧ ଅଭିନେତା ଓ ସଚିନ ତେନ୍ଦୁଲକରଙ୍କ ଭଳି ଷ୍ଟାର ଖେଳାଳି ଅଛନ୍ତି।






# ବିଜାତଳା ଲ୍ୟାମ୍ପ୍ସରେ ଧାନମଣ୍ଡି ଶୁଭ ଉଦ୍‌ଘାଟିତ




ରାଇରଙ୍ଗପୁର,(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ଲ୍ୟାମ୍ପ୍ସରେ ଧାନମଣ୍ଡି ଆଜି ଶୁଭଉଦଘାଟିତ ହୋଇଯାଇଛି । ବ୍ଲକ ଅଧକ୍ଷା ଶ୍ରୀମତୀ ରାଣୀ ମୁର୍ମୁ ମୂଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ମଣ୍ଡି ଉଦଘାଟନ କରିଥିଲେ । ସମ୍ମାନୀୟ ଅତିଥିଭାବେ ବିଡ଼ିଓ ବଂଶୀଧର ଖୋସଲା , ମଣ୍ଡି ସୁପରଭାଇଜିଂ ଅଫିସର ତଥା ବିଜାତଳା ତହସିଲଦାର ଅଶ୍ୱନୀ କୁମାର ଭୂୟାଁ , ସମବାୟ ନିରୀକ୍ଷକ ପ୍ରବୀର କୁମାର ଟୁଡୁ, ଲ୍ୟାମ୍ପ୍ସ ସଭାପତି ରାମଚନ୍ଦ୍ର ବେଶ୍ରା ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନରେ ସହଯୋଗ କରିଥିଲେ । ନୋଡାଲ ଅଧିକାରୀ ଭାବେ ସୌମ୍ୟରଞ୍ଜନ ମହାନ୍ତି ଥିବାବେଳେ ରାଇରଙ୍ଗପୁର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଉପସ୍ଥିତ ଥିଲେ । ପ୍ରତି ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଦିନ ମଣ୍ଡିରେ ଧାନ କିଣାଯିବ ବୋଲି ଲ୍ୟାମ୍ପ୍ସ ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମକୁ ଲ୍ୟାମ୍ପ୍ସ କର୍ମଚାରୀ ଭାଗିରଥି ମୁର୍ମୁ ଏବଂ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିବାବେଳେ କ୍ଷୀରୋଦ କୁମାର ଧଳ , ନିରୋଜ କୁମାର ଗିରି, ରାମଜିତ ବେଶ୍ରା, ଶଙ୍କର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀଙ୍କ ସମେତ ଲ୍ୟାମ୍ପ୍ସ ନିର୍ଦ୍ଦେଶକ ପାରାଉ ମାଝୀ, ବୁଢ଼ାନ ଟୁଡୁ, ଗୋପାଳ ନନ୍ଦ ଉପସ୍ଥିତ ଥିଲେ । ଚଳିତ ଥର ଏଫଏକ୍ୟୁ ଧାନର ସହାୟକ ମୂଲ୍ୟ ୨୩ ଶହ ରହିଥିବାବେଳେ ସରକାରଙ୍କ ବୋନସ ଟଙ୍କା ୮୦୦ କୁ ମିଶାଇ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଚାଷୀଙ୍କୁ ମିଳିବ ବୋଲି ସୂଚନା ରହିଛି । ତେବେ ଧାନକୁ ଭଲ ଭାବେ ଶୁଖାଇ ଓ ପରିଷ୍କାର କରି ମଣ୍ଡିକୁ ଆଣିବାକୁ ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ନନ୍ଦ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ତିରୁପତି ରାଷ୍ଟ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମାନ୍ୟବର ବାଚସ୍ପତିଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ



ଭୁବନେଶ୍ୱର,(ପି.ଏନ): ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଭାଷା ସଂସ୍କୃତର ଗୁରୁତ୍ୱ ସର୍ବଜନବିଦିତ । ଭକ୍ତି ଓ ଆଧାତ୍ମିକ ସାହିତ୍ୟରେ ଏହାର ବହୁଳ ବ୍ୟବହାର ପରିଲକ୍ଷିତ ହୋଇଥାଏ । ଆମର ଆଧୁନିକ ଭାଷା ସଂସ୍କୃତର ମୂଳ ଆଧାରରୁ ସମୃଦ୍ଧ ହୋଇପାରିଛି । ଏପରିକି ଦକ୍ଷିଣ-ଏସୀୟ ଓ ଦକ୍ଷିଣ-ପଶ୍ଚିମ ଏସିଆନ୍? ଭାଷାର ମୂଳଭିତ୍ତି ମଧ ସଂସ୍କୃତ । ସଂସ୍କୃତ ବା ଦେବନାଗରୀ ହିନ୍ଦୁଧର୍ମର ପବିତ୍ର ଭାଷା ହୋଇଥିବାବେଳେ ବୌଦ୍ଧ, ଜୈନ ଧର୍ମର ଦର୍ଶନ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।

ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରା ଯାଇଛି । ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀମତୀ ପାଢ଼ୀ ଶ୍ରୀମଦ୍? ଭଗବତଗୀତା ଉପରେ ବିଶଦ ଭାବେ ବାଖ୍ୟାନ କରି କହିଛନ୍ତି ଯେ ଗୀତା ପଠନ ଅଭ୍ୟାସ ଓ ଏହାର ଦୈନନ୍ଦିନ ଜୀବନରେ ବ୍ୟବହାର ଦ୍ୱାରା ସୁସ୍ଥ ପରିବାର ସହ ସମୃଦ୍ଧ ସମାଜ ଗଠନ କରାଯାଇପାରିବ । ଦେବଭାଷା ସଂସ୍କୃତର ଚରମ ଉତ୍କର୍ଷକୁ ପ୍ରତିପାଦନ କରିବା ସହ ବିଶ୍ୱବିଦ୍ୟାଳୟ ଓଡ଼ିଶା ଚେୟାରର ବିକାଶ ଓ ଅଭିବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ରକ୍ଷା କରାଯିବ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟର ଓଡ଼ଶା ଚେୟାର ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ପାଳନ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟରେ ୧୯୯୭ରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ଓଡ଼ିଶା ଚେୟାର ପ୍ରତିଷ୍ଠା କରାଯାଇଥିଲା । ଏଠାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀ ଜୟଦେବଙ୍କ ସାହିତ୍ୟ ଓ ଚୈତନ୍ୟଙ୍କ ଦର୍ଶନ ସମ୍ପର୍କରେ ଶିକ୍ଷା ଓ ଗବେଷଣା ଚାଲୁ ରହିଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ଏସ୍?. ଆଇ. କୃଷ୍ଣମୂର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ 'ଉତ୍କଳପୀଠ' ତଥା ଓଡ଼ିଶା ଚେୟାରର ନିର୍ଦ୍ଦେଶକ ଡା. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୁଳସଚିବ ପ୍ରଫେସର ଆର୍?.ଜେ. ରମାଶ୍ରୀ ଉତ୍କଳପୀଠର ପରିଚୟ ତଥା କାର୍ଯ୍ୟକ୍ରମ ବିଷୟରେ ବାଚସ୍ପତିଙ୍କୁ ଅବଗତ କରାଇଥିଲେ ।

# ନୂତନ ବିଡ଼ିଓଙ୍କୁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ବଲାଙ୍ଗିର,(ପି.ଏନ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ବିଜୟ କୁମାର ହୋତା ଙ୍କୁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧକ୍ଷ ଦୀପକ କୁମାର ଦାସ ଯାଦବ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ସୁଶାନ୍ତ ବେହେରା, ସଦସ୍ୟ ନାରାୟଣ ମିଶ୍ର, ସୁଶାନ୍ତ ଥନାପତି,ରାଧେଶ୍ୟାମ ମେହେର ପ୍ରମୁଖଙ୍କ ସହ ବହୁ ସଦସ୍ୟ ମାନେ ସାମିଲ ହୋଇଥିଲେ । ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳ ରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାକୁ କିପରି ଭାବେ ସମାଧାନ କରାଯିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସର ରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଛତରଦାଣ୍ଡି ଘଞ୍ଚ ଜଙ୍ଗଲ ପରିସରରେ ଥିବା ଗୁମ୍ଫା ଡ୍ୟାମକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ମଧ ଦାବି କରାଯାଇଥିଲା ।ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲ ୬୪ ଯୋଗିନୀ ମନ୍ଦିର ର ବିକାଶ ଉପରେ ମଧ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ତେଲକୋଇ,(ପି.ଏନ): ନେହେରୁ ଯୁବ କେନ୍ଦ୍ରର କେନ୍ଦୁଝର ଙ୍କ ଦ୍ୱାରା ଓ ଭୋରୀ ସ୍ୱେଚ୍ଛାସେବୀ ସଙ୍ଗଠନ ତେଲକୋଇ ସହଯୋଗରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ତେବେ ଏହି କ୍ରୀଡା ପ୍ରତିଯୋଗିତା ବ୍ଲକର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କ୍ରୀଡ଼ା ରେ ପାଟଖଳି ଗ୍ରାମର ଦିବ୍ୟଜ୍ୟୋତି କ୍ଲବ ଓ ମା ତାରିଣୀ ମହିଳା ସଙ୍ଗଠନ, ଅଜୟପୁର କ୍ଲବ, ଯାହେରାଇ କ୍ଲବ କାଟେଣିପଶି, ଆଲୁଣି ଯୁବକ ସଂଘ, ମା ନାଗପାଟ ମହିଳା ସଂଘ କାଟେଣିପଶି ତଥା ସିନ୍ଦୂରିଆ କ୍ଲବ ପ୍ରଭୁତି ଯୁବ ସଙ୍ଗଠନ ସଦସ୍ୟ ମାନେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ପୁରୁଷ ବିଭାଗର ୧୦୦ମିଟର ଦୌଡ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟେ ମାନ ଆୟୋଜନ କରାଯାଇଥିଲା । ସେହିପରି ମହିଳା ବର୍ଗର ବ୍ୟାଡ ମିଣ୍ଟନ୍, ସାଇକେଲ ସ୍ଲୋ ଓ କବାଡି ଖେଳ ଅନୁଷ୍ଠିତ ହୋଇଥଲା । ଉକ୍ତ ଖେଳକୁ ଜଟ ହାଇସ୍କୁଲ ର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ସିନ୍ଦୁରିଆ ହାଇସ୍କୁଲ ର ଖେଳ ଶିକ୍ଷକ ନରୋତ୍ତମ ଦଳ ନାୟକ, ଆକୁଳ ହାଇସ୍କୁଲ ର ଖେଳ ଶିକ୍ଷକ କ୍ଷିରୋଦ ଚଂନ୍ଦ୍ର ମହାନ୍ତ, ଜଟ ହାଇସ୍କୁଲର ଖେଳ ଶିକ୍ଷକ ଭୀମସେନ ବାରିକ ଖେଳ ପରିଚାଳନା କରିଥିଲେ । ପରିଶେଷରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଦିବ୍ୟଜ୍ୟୋତି କ୍ଲବ କୁ ଭଲିବଲ୍ ଓ ନେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭୋରି ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ନରୋତ୍ତମ ମହାକୁଡ଼ ପରିଚାଳନା କରିଥିଲେ ।

## ଚାଂଚଲ୍ୟକର ଚୋରି ଘଟଣାର ପର୍ଦ୍ଦାଫାଶ : ଲକ୍ଷାଧିକ ଟଙ୍କା ସହ ଚୋରି ସୁନାଗହଣା ଉଦ୍ଧାର : ଜଣେ ଗିରଫ

ସମ୍ବଲପୁର,(ପି.ଏନ): ସମ୍ବଲପୁର ପୋଲିସକୁ ମିଳିଛି ବଡ଼ ସଫଳତା । ବୁର୍ଲା କିରଓ୍ୱା ଅଂଚଳର ପ୍ରିତୀ ପଣ୍ଡା ନାମ୍ନୀ ଜନୈକା ୨୩ ବର୍ଷିଆ ଯୁବତୀଙ୍କ ଘରୁ ଗତ ଡିସେମ୍ବର ୧୦ ତାରିଖରେ ତାଙ୍କ ଘରେ କେହି ନଥିବା ସମୟରେ ୧୬ ଲକ୍ଷ ଟଙ୍କା ସହ ୧୩୧ ଗ୍ରାମ ସୁନା, ୭୬୦ ଗ୍ରାମ ରୂପା ଅଳଙ୍କାର କୌଣସି ଦୁର୍ବୃତ ଚୋରି କରି ନେଇଥିଲା । ଏ ସମ୍ପର୍କରେ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୫୯୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ଏହି ଚୋରି ଘଟଣା ଉପରୁ ପରଦା ଉଠାଇଛି । କିରଓ୍ୱା ନିବାସୀ ପ୍ରୀତି ପଣ୍ଡାଙ୍କ ଘରୁ ଚୋରି ହୋଇଥିବା ସମସ୍ତ ଟଙ୍କା ଉଦ୍ଧାର ପରେ ପୋଲିସ ତାଙ୍କୁ ଫେରାଇଛି । ପ୍ରୀତି ପଣ୍ଡାଙ୍କ ଘର ନିକଟରେ ରହୁଥିବା ଇନ୍ଦ୍ର ବେହେରା ଏହି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଥିଲା । ଚୋରି ଟଙ୍କା ସେ ଖର୍ଚ୍ଚ ନକରି ଏକ ପରିତ୍ୟକ୍ତ ସ୍ଥାନରେ ଲୁଚାଇ ରଖିଥିଲେ । ପୋଲିସ ଶକ୍ତ ତଦନ୍ତ ଖିଅରେ ଇନ୍ଦ୍ରକୁ ବାରମ୍ବାର ଜେରା କରିବା ପରେ ଶେଷରେ ସବୁ ସତ ଇନ୍ଦ୍ର ଉଗାଳି ଦେବାପରେ ତା'ଠାରୁ ଚୋରି ଟଙ୍କା ଓ ସୁନାଗହଣା ଜବତ କରିବା ପରେ ଗିରଫ କରିଛି । ତେବେ ପ୍ରିତି ଏତେ ପରିମାଣର ଟଙ୍କା କୋଉଠୁ ଆଣିଥିଲେ ଓ କାହିଁକି ଘରେ ରଖିଥିଲେ ତାହା ସ୍ପଷ୍ଟ କରିନାହାନ୍ତି । କେବଳ ବାପାଙ୍କ ଅବସର ଟଙ୍କା ଓ ଭାଇର ମୋବାଇଲ ଦୋକାନରୁ ଲାଭ ହୋଇଥିବା ଟଙ୍କା ଘରେ ଗଛିତ ଥିବା ସଫେଇ ଦେଇଥିଲେ ମଧ କୌଣସି ଅନାଲୋଚିତ ଅବୈଧ କାରବାର ଚାଲୁଥିବା ନେଇ ନିଜ ନାମକୁ ଗୁପ୍ତ ରଖି କିଛି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ପ୍ରୀତି ଏବେ ଏକ ଛୋଟ ଟିଫିନ ଷ୍ଟଲ ବୁର୍ଲା ଠାରେ ଚଳାଉଛନ୍ତି । ଏପରିକି ପରିବାରରେ ସମସ୍ତଙ୍କ ବ୍ୟାଙ୍କ ଆକାଉଂଟ ଥିଲେ ମଧ ଘରେ ଏତେ ପରିମାଣର ଟଙ୍କା ରଖିବା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରିବାର ଲୋକେ ବ୍ୟାଙ୍କକୁ ଭରଷା କରୁନଥିବାରୁ ଘରେ ଏତେ ଟଙ୍କା ରଖିଥିଲେ ବୋଲି ପ୍ରିତୀଙ୍କ ସଫେଇ ତଦନ୍ତ ସାପେକ୍ଷ ।

# ଧାନକୁଟା ଟ୍ରାକ୍ଟରରେ ଦୁର୍ଘଟଣା ଘଟି ଯୁବକଙ୍କ ବେକ କଟି ମୃତ୍ୟୁ



କେସିଙ୍ଗା, (ପି.ଏନ): କେସିଙ୍ଗା ବ୍ଲକ ଅନ୍ତର୍ଗତ କଣ୍ଟପଡା ପଞ୍ଚାୟତ ବିନେକେଲା ଗ୍ରାମରେ ଘଟିଛି ଏକ ଦୁଃଖଦ ଘଟଣା । ସୂଚନା ମୁତାବକ ବିନେକେଲା ଗ୍ରାମର ଦୈତାରୀ ପଧାନଙ୍କ ଜୈଷ୍ଠ ପୁତ୍ର ନିରୋଜ ପଧାନ ନିଜ ଧାନ କୁଟା ମିଲ୍ ଟ୍ରାକ୍ଟର ନେଇ ଶନିବାର ସକାଳୁ ଘାଟପଡ଼ା ଗ୍ରାମର ଲୁହୁରାପଡ଼ାକୁ ନେଇ ଧାନ କୁଟିବାକୁ ଯାଇଥିଲେ । ତେବେ ଧାନ କଳରେ କୌଣସି ଅସୁବିଧା ହେବାରୁ ମୁଣ୍ଡ ନୁଆଁଇ ଦେଖିବା ବେଳେ ହଠାତ୍ ତାଙ୍କ ବେକରେ ଗୁଡେଇ ହୋଇ ରହିଥିବା ଗାମୁଛାଟି ସେହି କଳରେ ଫସିଯିବା ଫଳରେ ଯୁବକ ଜଣକଙ୍କ ବେକ କଟିଯାଇ ଘଟଣା ସ୍ଥଳରେ ତାଙ୍କ ଦୁଃଖଦାୟକ ମୃତ୍ୟୁ ହୋଇଯାଇଛି । ସୂଚନା ପାଇ କେସିଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି କେସିଙ୍ଗା ସରକାରୀ ଚିକିତ୍ସାଳୟକୁ ପଠାଇ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ଦାୟର କରି ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି । ନୀରୋଜ ପଧାନଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ବର୍ଷର ଶିଶୁ କନ୍ୟା ଥିବାବେଳେ ତାଙ୍କର ଦେହାନ୍ତ ପରେ ଏବେ ପରିବାର କିପରି ଚଳିବେ ବୋଲି ଅଞ୍ଚଳର ଲୋକେ ଚର୍ଚ୍ଚା କରୁଥିବା ବେଳେ ବିନେକେଲା ଗ୍ରାମରେ ଶୋକର ଛାୟା ଖେଳଯାଇଛି ।

## କୁଚିଣ୍ଡା କଂଗ୍ରେସ ଭବନ ଠାରେ ଶୋକସଭା ଅନୁଷ୍ଠିତ

ସମ୍ବଲପୁର,(ପି.ଏନ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ କଂଗ୍ରେସ ଭବନ ସଭାଗୃହ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି,



ସେ ୯୨ ବର୍ଷ ବୟସରେ ଗୁରୁବାର ଦିନ ଇହଧାମ ତ୍ୟାଗ କଲେ । ଡ଼ଃ ସିଂହ ପୂର୍ବରୁ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ରୂପେ ମଧ କାର୍ଯ୍ୟ ନିର୍ବାହ କରିଥିଲେ । ସେ ଦୁଇଥର ଭାରତରେ କଂଗ୍ରେସ ଦଳରୁ ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କ ବିୟୋଗରେ କୁଚିଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏବଂ ସେହି ପରିପ୍ରେକ୍ଷୀରେ ତାଙ୍କର ମହାନ ଆତ୍ମାର ସଦ୍ ଗତି ନିମନ୍ତେ ଆଜି କୁଚିଣ୍ଡା କଂଗ୍ରେସ କମିଟିର କର୍ମୀ ଏବଂ କୁଚିଣ୍ଡାର ଜନସାଧାରଣଙ୍କୁ ନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା

# କାର୍ଯ୍ୟ ଅବଧି ସରିଥିଲେ ମଧ ଦୀର୍ଘ ବର୍ଷ ହେବ ପାର୍କ ନିର୍ମାଣ ଅଧପନ୍ତରିଆ



କନ୍ଧମାଳ, (ପି.ଏନ): ପୂର୍ବତନ ରାଜ୍ୟ ସରକାରଙ୍କ ସମୟରେ ସହରଠୁ ଆରମ୍ଭ କରି ଗ୍ରାମାଞ୍ଚଳ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଅନୁଦାନ ଘୋଷଣା ସହିତ ପ୍ରଦାନ କରିବା ପରେ ମଧ ଆଜି ପର୍ଯ୍ୟନ୍ତ ଅନେକ ସ୍ଥାନରେ କାର୍ଯ୍ୟ ନିମ୍ନ ମାନର ହେବା ସହିତ ଅଧପନ୍ତରିଆ ଅବସ୍ଥା ଥିବା ଦୃଶ୍ୟ ସାମନାକୁ ଆସିଛି । ହେଲେ ସୂଚନା ଥାଉ କି ବାଲିଗୁଡ଼ା ବ୍ଲକ ର ବାଟାଗୁଡ଼ା ବାରଖମା ଗାଁରେ ଅଞ୍ଚଳର ସ୍ୱନ୍ଦର୍ଯ୍ୟକରଣ ନିମନ୍ତେ ପାର୍କ ନିର୍ମାଣ ପାଇଁ ଠିକାଦାରଙ୍କୁ କାର୍ଯ୍ୟଦେଶ ହୋଇଥିବା ବେଳେ ନିମ୍ନ ମାନର ପାର୍କ ନିର୍ମାଣ ସହିତ ସୂଚନା ଫଳକରେ କାର୍ଯ୍ୟ ଶେଷ ଅବଧି ସରିଥିଲେ ସୁଦ୍ଧା କାମ ଅଧପନ୍ତୁରିଆ ହୋଇ ପଡ଼ି ରହିଛି । ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଟାଗୁଡ଼ା ଗାଁରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଆର୍ଥିକ ୨୧-୨୨ ମସିହା ରେ ବାଟାଗୁଡ଼ା ଗାଁରେ ସ୍ୱନ୍ଦର୍ଯ୍ୟକରଣ ନିମନ୍ତେ ଏକ ପାର୍କ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ହେଲେ ୨୦୨୪ ମସିହା ଶେଷ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ପାର୍କ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି ଏ ବାବଦରେ ବାଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ସନ୍ତୋଷ ଜନକ ପ୍ରତିକିୟା ପାରିନି ।

# ୮ ଲକ୍ଷ ଟଙ୍କାର ପୁରସ୍କାର ତିନି ହାର୍ଡକୋର ମହିଳା ମାଓବାଦୀଙ୍କୁ ଗିରଫ କରିଛି ଓଡ଼ିଶା ପୋଲିସ



ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପୋଲିସ କୁ ମିଳିଛି ବଡ ସଫଳତା । ତିନି ହାର୍ଡକୋର ମହିଳା ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହେଇଛି ମାଲକାନଗିରି ପୋଲିସ । ସୂଚନାରୁ ଜଣାପଡିଛି ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାବେଡା ଜଙ୍ଗଲରେ ଜିଲ୍ଲା ପୋଲିସ ଓ ଡି ଭି ଏଫ ଯବାନଙ୍କ ମିଳିତଭାବେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ତିନିଜଣ ମହିଳା ମାଓବାଦୀଙ୍କୁ ଗିରଫ କରିଥିଲେ ଓ ସେମାନଙ୍କ ନାମରେ ଆଠ ଲକ୍ଷ ଟଙ୍କାର ଇନାମ ଘୋଷଣା ଥିବା ଜଣାପଡିଛି । ଆଜି ଜିଲ୍ଲା ଆରକ୍ଷୀ କାର୍ଯ୍ୟାଳୟ ଠାରେ ପୋଲିସ ଦ୍ୱାରା ୩ ଜଣ ହାର୍ଡ କୋର ମହିଳା ମାଓବାଦୀ ଗିରଫ ସୂଚନା ଦେଇଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର । ସେମାନେ ଥିଲେ ଆନ୍ଧ୍ର ଓଡିଶା ବୋର୍ଡର ସାଉଥ ଜୋର୍ଣ୍ଣାଲ କମିଟି ମିଲେଟ୍ରି ପ୍ଲାଟୁନର ହାର୍ଡ କୋର ମାଓବାଦୀ । ଗିରଫ ମହିଳା ମାଓବାଦୀ ହେଲେ ମହିଳା ମାଓନେତ୍ରୀ ସ୍ୱପ୍ନା ଏ ସି ଏମ କ୍ୟାଡ଼ର ର । ତାଙ୍କ ନାମରେ ୪ ଲକ୍ଷ ଟଙ୍କା ପୁରସ୍କାର ଥିଲା । ମହିଳା ମାଓବୋଦୀ କମଳା ଓରଫ ବବିତା ସେ ପାର୍ଟି ମେମ୍ବର ଭାବେ କାମ କରିଥିଲେ , ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ଥିଲା ଓ ମହିଳା ମାଓବାଦୀ ପ୍ରଭାବିତ ସୁସ୍ମିତା ଓରଫ ସୁନିତା ଟପ ସେ ମାଓନେତା ଉଦୟଙ୍କ ଅଙ୍ଗରକ୍ଷି ଭାବେ କାମ କରୁଥିଲେ । ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ଥିବା ସୂଚନା ଦେଇଛନ୍ତି । ତିନି ମହିଳା ମାଓବାଦୀ ଙ୍କ ନାମରେ ମୋଟ ୮ ଲକ୍ଷ ଟଙ୍କା ପୁରସ୍କାର ଥିଲା ।

## ଡା. ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ

ଚିତ୍ରକୋଣ୍ଡା,(ପି.ଏନ): ଚିତ୍ରକୋଣ୍ଡା ଦୈନିକ ବଜାର ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଅର୍ଥନୀତିଜ୍ଞ ଡା. ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ଙ୍କ ଆହ୍ୱାନ କ୍ରମେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଶେଷଙ୍କୁ ନେଇ ଏହି ଶୋକ ସଭା ପାଳିତ ହୋଇଯାଇଛି । ପ୍ରଥମେ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମନମୋହନ ସିଂଙ୍କ ସ୍ମୃତିଚାରଣ କରାଯାଇଥିଲା । କିଛି ସମୟର ନିରବ ପ୍ରାର୍ଥନା ପରେ ଅତୀତର କାର୍ଯ୍ୟକଳାପକୁ ନେଇ ଉଦବୋଧନ ରଖାଯାଇଥିଲା । ବରିଷ୍ଠ ନାଗରିକ ମଧ୍ୟରେ ଦେବେନ୍ଦ୍ର ଦାସ, ଚିରଞ୍ଜିବି ନାୟକ, ଶ୍ରୀ ରାମୁଲୁ, ବିଜୟ ସାହୁ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରଘୁବୀର ଖରା, ଚିତ୍ରସେନ ଘଡେଇ, ସାଇନି, ମଦନ ଖରା, ସଦନ ଖରା, ଦୁର୍ଲଭ ଖରା, ମୁକୁନ୍ଦ ଖିଲ, ଧନିଆ ଖିଲ, ଦିଲ୍ଲିପ ଖରା, ସତ୍ୟବାଦୀ ବେହେରା ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ । ମନମୋହନ ସିଂ ଅମର ରହେ ନାରା ରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ବହୁ ମହିଳା ଓ ପୁରୁଷ ଏହି ଅବସରରେ ଯୋଗ ଦେଇଥିଲେ ।

## ମାଁ ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ - ପାତଲପଡା ଚାମ୍ପିଆନ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତ କନାବିରା ଗାଁରେ ଚାଲିଥିବା ମାଁ ଜାଡେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏଥିରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଖଗସା ଓ ପାତଲପଡା ଦଳ ଫାଇନାଲ ମ୍ୟାଚକୁ ଉତୀର୍ଣ୍ଣ ହୋଇଥିଲେ । ଖଗସା ଦଳକୁ ପରାସ୍ତ କରି ପାତଲପଡା ଦଳ ଚାମ୍ପିଆନ ହୋଇଛି । ଏହି ଖେଳକୁ ଭରତ କାଣ୍ଡ ଓ କରନ ଭାଟି ଖେଳ ପରିଚାଳନା ବେଳେ ଦିନବନ୍ଧୁ ଟାକରି ଧାରା ବିବରଣୀ ପ୍ରଦାନ କରିଥିଲେ ।ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ସମାଜସେବୀ ପ୍ରତାପ ଭାଟି, ନାଏବ ସରପଞ୍ଚ କୁନୁ ଭରାସଗରିଆ, ଅଶୋକ ଛୁରା,ଅବସରପ୍ରାପ୍ତ ଯବାନ ଉମାଶଙ୍କର ଘିଭେଲା,ଧନସିଂ ନାଗ,ହେମନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳ କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ[illegible] ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ସୁକଟେଲ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,(ପି.ଏନ) ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୁଲ୍ୟ ରେ ଆୟୋଜିତ ସୁକଟେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିର ର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶ ଙ୍କ ମଡୁଆଶାଳ, ଫଂଚ୍ଚରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ କ୍ଷ ମଡୁଆଶାଳ ର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା କ୍ଷ ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୁଦନ ନାୟକ ଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ , ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଂଚ୍ଚାସିନ ହୋଇଥିଲେ । ବିଶିଷ୍ଟ କଳାକାର ଦଣ୍ଡ ଶିରୋମଣୀ ସାନନ୍ଦ ସିକା, ବିଶିଷ୍ଟ ସମାଜସେବୀ ଲୋକନାଥ କୁମୁରା ଚୁଡ଼ାପାଲି, ମୋର ସମିଆ ରିପୋର୍ଟର ନିବେଶ ପାଣିଗ୍ରାହୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଊର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

# କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ଼ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ଼ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାସ ଗଭର୍ନିଙ୍ଗ ବଡି ବୈଠକ



ବାଲିମେଳା,(ପି.ଏନ): ମାଲକାନଗିରି ଜିଲ୍ଲା ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ପରିଚାଳନା ସଂସ୍ଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡ଼ିକାଲ ଇନ ଚାର୍ଜ ଡାକ୍ତର ସମ୍ବିତ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ଏହି ବୈଠକ ଟି ଡକାଯାଇଥିଲା। ତେବେ ଏହି ବୈଠକର ମୂଳ ଉଦ୍ଦେଶ୍ୟ ହେଲା ଯେ ବର୍ଷକୁ ୨ ଥର ମେଡ଼ିକାଲ ପରିଚାଳନା ନିମନ୍ତେ ୭୫ ହଜାର ଲେଖାଏଁ ସରକାରୀ ଅନୁଦାନ ଆସୁଛି। ତେଣୁ ଏହି ଟଙ୍କା କୁ ମେଡ଼ିକାଲ ର କେଉଁ କେଉଁ ବାବଦ କୁ ଖର୍ଚ୍ଚ କରାଯିବ ସେନେଇ ଏକ ତାଲିକା ସର୍ବ ସମ୍ମୁଖରେ ପ୍ରଦାନ କରାଯାଇଥିଲା। ତେବେ ମେଡ଼ିକାଲରେ ବ୍ୟବହୃତ ହେଉଥିବା ଆବଶ୍ୟକୀୟ ଜିନିଷ ଯଥା:- ବିପି ମାପକ ମେସିନ, ବ୍ୟାଟେରୀ, ପଙ୍ଖା, ଫିନାଇଲ, ବ୍ଲିଚିଂ ପାଉଡର, ଆଉଟ ଡୋର ରୋଗୀ ମାନଙ୍କ ନିମନ୍ତେ ବ୍ୟବହୃତ ହେଉଥିବା ଟୋକେନ୍ କାଗଜ ଏହିପରି ବିଭିନ୍ନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ଜଣାପଡିଥିଲା। ଏଥିସହ ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ଏବଂ ସାମ୍ବାଦିକ ଯୋଗ ଦେଇଥିବା ବେଳେ ମେଡ଼ିକାଲ ର ବହୁ ସମସ୍ୟା ଗୁଡିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯେପରିକି ପ୍ରତ୍ୟେକ ଦିନ ଏହି ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର କୁ ୩୦୦ ରୁ ଉର୍ଦ୍ଧ୍ୱ ଆଉଟ ଡୋର ରୋଗୀ ଏବଂ ଇନ ଡୋର ରୋଗୀ ୧୦ ରୁ ଉର୍ଦ୍ଧ୍ୱ ଦୈନିକ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଯାହାକି ମାଲକାନଗିରି ଜିଲ୍ଲାର କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ରୋଗୀ ଏପରି ଦୈନିକ ଚିକିତ୍ସା ନିମନ୍ତେ ଆସୁନଥିବା ସୂଚନା ମିଳିଛି। ତଥାପି ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏଠାକୁ କେବଳ ୩ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ଦେଇ ସ୍ୱାସ୍ଥ୍ୟ ବିଭାଗ କାମ ଚଳା ନୀତି ଆପଣାଇଥିବା ଜନ ପ୍ରତିନିଧି ମାନେ କହିଥିଲେ। ଏଥିସହ ଏତେ ରୋଗୀ ଆସିବା ସତ୍ତ୍ୱେ ରୋଗୀ କିମ୍ବା ଡାକ୍ତର ର ବ୍ୟବହାର ନିମନ୍ତେ ଶୌଚାଳୟ ନଥିବା ଆଲୋଚନା ହୋଇଥିଲା। ୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଦ୍ୟୁତ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ରହିଛି କାରଣ ବିଭିନ୍ନ ସମୟରେ ସଟ ସର୍କିଟ ହେଉଥିବା କିଛି କର୍ମଚାରୀ ଅଭିଯୋଗ କରିଥିଲେ। ଏଥିସହ ଡାକ୍ତର, ଷ୍ଟାଫ ନର୍ସ ଏବଂ ଫାର୍ମାସିଷ୍ଟ ଙ୍କ ଅଭାବ ହେତୁ ବର୍ତ୍ତମାନ କାର୍ଯ୍ୟରତ ଥିବା କିଛି କର୍ମଚାରୀ ଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି ବୋଲି ଅଭିଯୋଗ ଆଣିଥିଲେ। ବାଲିମେଳାରେ ଛୁଆ ଜନ୍ମ ହେଉ କିମ୍ବା ଛୁଆ ହେବା ପରେ ତାର ଚିକିତ୍ସା ନିମନ୍ତେ କୌଣସି ବିଶେଷଜ୍ଞ ନଥିବାରୁ ଲୋକେ ବହୁ ଖର୍ଚ୍ଚାନ୍ତ ହୋଇ ମାଲକାନଗିରି ଯାଉଛନ୍ତି ତେଣୁ ତୁରନ୍ତ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଙ୍କ ଦୃଷ୍ଟି ଗୋଚରକୁ ଏହା ଆଣି ପ୍ରତ୍ୟେକ ସପ୍ତାହ ର ୨ ଦିନ ଶିଶୁ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିବା ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିନିଧି ଇସାକ୍ ଖୋସଲା କହିଥିଲେ। ଏହିପରି ନାନାଦି ସମସ୍ୟା ମଧ୍ୟରେ ମେଡ଼ିକାଲ ରହିଥିବା ହେତୁ ଚିକିତ୍ସା ରେ ବାଧା ସୃଷ୍ଟି ହେଉଥିବା ମେଡ଼ିକାଲ କର୍ମଚାରୀମାନେ ସ୍ୱୀକାର କରିଥିଲେ। ତେଣୁ ତୁରନ୍ତ ଏହି ସବୁ ଦିଗରେ ଚିତ୍ରକୋଣ୍ଡା ବିଧାୟକ ଙ୍କୁ ଜଣାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିନିଧି ଶ୍ରୀ ଖୋସଲା ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ବାଲିମେଳା ନଗର ଉପାଧକ୍ଷା ରଶ୍ମିତା ବାଙ୍କା, ସ୍ଥାନୀୟ ବିଜେପି ନେତା ଶୁଭେନ୍ଦୁ ପଟ୍ଟନାୟକ, ମେଡ଼ିକାଲ ଆକ୍କାଉଣ୍ଟାଣ୍ଟ ମ୍ୟାନେଜର ଇନ୍ଦ୍ରଜିତ ଦାସ, ଆୟୁଷ ଡାକ୍ତର ଡି ବୈଶାଳୀ, ବରିଷ୍ଠ ସାମ୍ବାଦିକ ଚନ୍ଦନ ବାରିକଙ୍କ ସମେତ ମେଡ଼ିକାଲର ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ। ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି। ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ। ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି। ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ।

# ବିଶ୍ୱ ପ୍ରାର୍ଥନା ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ବିଶ୍ୱରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ,ସୁସ୍ଥ,ଭାତୃଭାବ ଏବଂ ମଙ୍ଗଳ ନିମନ୍ତେ ଆଜି ଭୁବନେଶ୍ୱରର ବିଭିନ୍ନ ଧର୍ମାନୁଷ୍ଠାନ, ମଠ, ମନ୍ଦିର, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରେ ଅତି ପବିତ୍ର ଏବଂ ନିଷ୍ଠାର ସହ ସମବେତ ପ୍ରାର୍ଥନା କରାଯାଇ ପ୍ରସ୍ତାବିତ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଇଛି। ଏହି ଅବସରରେ ୟୁନିଟ- ୨ ସ୍ଥିତ ଦିବ୍ୟଜୀବନ ସଙ୍ଘ,ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରଠାରେ ସାର୍ବଜନୀନ ଭାବେ ସାମୁହିକ ପ୍ରାର୍ଥନା କରାଯାଇଥିଲା। ପ୍ରାତଃ ୮ଘଟିକା ସମୟରେ ପ୍ରାରମ୍ଭିତ କାର୍ଯ୍ୟକ୍ରମରେ ସ୍ୱାମୀ ଶିବାନନ୍ଦଙ୍କ ବିଶ୍ୱବନ୍ଦନା ପ୍ରାର୍ଥନା,ଜଗନ୍ନାଥ ସହସ୍ର ନାମ ସହ ବିଭିନ୍ନ ଭାଷା ଏବଂ ଧର୍ମର ପ୍ରାର୍ଥନା କରାଯାଇଥିଲା। ଶିବାନନ୍ଦ ଆଶ୍ରମର ସଭାପତି ରାଧେଶ୍ୟାମ ଦାସ ଓ ତାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ଦାଶଙ୍କ ପରିଚାଳନାରେ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ ସର୍ବଶ୍ରୀ ବିଜୟ କୁମାର ସ୍ୱାଇଁ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଟୁଲୁବାବୁ, ରମେଶ ମହାପାତ୍ର, ପ୍ରସନ୍ନ ଖୁଣ୍ଟିଆ, ପୁରୁଷୋତ୍ତମ ବଳ , ବର୍ଷିଆନ ସାହିତ୍ୟିକା ଓ ଧର୍ମପ୍ରାଣ ମହିଳା ଶୈଳବାଳା ମିଶ୍ର ପ୍ରମୁଖ ବହୁ ସଂଖ୍ୟାରେ ଧର୍ମପ୍ରାଣ ମହିଳା ପ୍ରମୁଖ ଶତାଧିକ ପ୍ରାର୍ଥନା ପ୍ରେମୀ ଭକ୍ତଗଣ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରାର୍ଥନା ପରିଚାଳନା କମିଟିର ସଭ୍ୟ ସମାଜସେବୀ ମନୋରଂଜନ ମହାନ୍ତି ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲା ଗରାପୁର ଗ୍ରାମର ଶିବାନନ୍ଦ ଆଶ୍ରମର ଅଧକ୍ଷା ସ୍ୱାମୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କଦ୍ୱାରା ଆହୁତ ଉକ୍ତ କାର୍ଯ୍ୟକ୍ରମ ଦୀର୍ଘ ୮ ବର୍ଷ ହେବ ସାରା ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଜାନୁଆରୀ ପହିଲାରେ ପାଳିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡାରେ ମାତା ମା'ଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର କ୍ୟାଥୋଲିକ ଚର୍ଚ୍ଚରେ ଏବଂ ଅହମଦୀୟା ମସଜିଦରେ, ଭାରତ ବିକାଶ ପରିଷଦ, ଏକାମ୍ର ୱାର୍କର୍ସ କ୍ଲବ, ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ, ଏକାମ୍ର ସତ୍ୟସେବାଶ୍ରମ, ଓସେଡୋ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ , ଗାୟତ୍ରୀ ଶକ୍ତିପୀଠ,ମା ଭବାନୀ ଚାରିଟେବଲେ ଟ୍ରଷ୍ଟ, ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ଏବଂ ଭାରତୀୟ ଯୋଗ ବିଜ୍ଞାନ ସଂସ୍ଥା ପ୍ରମୁଖ ସ୍ଥାନମାନଙ୍କରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ସାମୁହିକ ଭାବେ ପ୍ରାର୍ଥନା କରିଥିଲେ। ଏହ ପରିପ୍ରେକ୍ଷୀରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଗଭୀରତାର ସହ ବିଚାରକରି ଆମ ରାଜ୍ୟ ତଥା ଦେଶରୁ ସୃଷ୍ଟି ହୋଇଥିବା ପ୍ରାର୍ଥନା ଦିବସର ଚିନ୍ତାଧାରାକୁ ବିଶ୍ୱଦରବାରରେ ପହଞ୍ଚାଇ ଆନ୍ତର୍ଜାତୀୟ ଯୋଗ ଦିବସ ଭଳି ବିଶ୍ୱ ପ୍ରାର୍ଥନା ଦିବସକୁ ସ୍ୱୀକୃତି ପ୍ରଦାନ କରାଇବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଭାରତ ବିଶ୍ୱଗୁରୁ ହେବାର ହକକୁ ସୁଦୃଢ କରିପାରିବ ବୋଲି ବିଶ୍ୱାସ। ଶିକ୍ଷାବିତ ସର୍ବଶ୍ରୀ ବିଜୟ କୁମାର ସ୍ୱାଇଁ, ଆର୍ଯ୍ୟା କୁମାର ଜ୍ଞାନେନ୍ଦ୍ର, ଟୁଲୁବାବୁ, ରମେଶ ମହାପାତ୍ର, ପ୍ରସନ୍ନ ଖୁଣ୍ଟିଆ, ପୁରୁଷୋତ୍ତମ ବଳ , ବର୍ଷିଆନ ସାହିତ୍ୟିକା ଓ ବହୁ ସଂଖ୍ୟାରେ ଧର୍ମପ୍ରାଣମହିଳା ପ୍ରମୁଖ ଶତାଧିକ ପ୍ରାର୍ଥନା ପ୍ରେମୀ ଭକ୍ତଗଣ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରାର୍ଥନା ପରିଚାଳନା କମିଟିର ସଭ୍ୟ ସମାଜସେବୀ ମନୋରଂଜନ ମହାନ୍ତି ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲା ଗରାପୁର ଗ୍ରାମର ଶିବାନନ୍ଦ ଆଶ୍ରମର ଅଧକ୍ଷା ସ୍ୱାମୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କଦ୍ୱାରା ଆହୁତ ଉକ୍ତ କାର୍ଯ୍ୟକ୍ରମ ଦୀର୍ଘ ୮ ବର୍ଷ ହେବ ସାରା ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଜାନୁଆରୀ ପହିଲାରେ ପାଳିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ କେନ୍ଦ୍ରାପଡାରେ ମାତା ମା'ଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର କ୍ୟାଥୋଲିକ ଚର୍ଚ୍ଚରେ ଏବଂ ଅହମଦୀୟା ମସଜିଦରେ, ଭାରତ ବିକାଶ ପରିଷଦ, ଏକାମ୍ର ୱାର୍କର୍ସ କ୍ଲବ, ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ, ଏକାମ୍ର ସତ୍ୟସେବାଶ୍ରମ, ଓସେଡୋ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ , ଗାୟତ୍ରୀ ଶକ୍ତିପୀଠ, ମା ଭବାନୀ ଚାରିଟେବଲେ ଟ୍ରଷ୍ଟ ଏବଂ ଭାରତୀୟ ଯୋଗ ବିଜ୍ଞାନ ସଂସ୍ଥା ପ୍ରମୁଖ ସ୍ଥାନମାନଙ୍କରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ସାମୁହିକ ଭାବେ ନିଜ ନିଜ ଭାଷାରେ ଓ ଭାବରେ ନିଜ ଇଷ୍ଟକୁ ପ୍ରାର୍ଥନା କରିଥିଲେ। ଏହ ବିଷୟରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଗଭୀରତାର ସହ ବିଚାରକରି ଆମ ରାଜ୍ୟ ତଥା ଦେଶରୁ ସୃଷ୍ଟି ହୋଇଥିବା ପ୍ରାର୍ଥନା ଦିବସର ଚିନ୍ତାଧାରାକୁ ବିଶ୍ୱଦରବାରରେ ପହଞ୍ଚାଇ ଆନ୍ତର୍ଜାତୀୟ ଯୋଗ ଦିବସ ଭଳି ବିଶ୍ୱ ପ୍ରାର୍ଥନା ଦିବସକୁ ସ୍ୱୀକୃତି ପ୍ରଦାନ କରାଇବାକୁ ଅନୁରୋଧ କରାଯାଉଛି। ଏହାଦ୍ୱାରା ଭାରତ ବିଶ୍ୱଗୁରୁ ହେବାର ଦାବିକୁ ସୁଦୃଢ କରିପାରିବ ବୋଲି ବିଶ୍ୱାସ।

# ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସହ ନୂଆବର୍ଷ ପାଳିଲା ଜିଲ୍ଲା ଜେଡ.ଏସ.ଏସ



ରାୟଗଡ଼ା ,(ପି.ଏନ): ରାୟଗଡ଼ା ଜିଲ୍ଲାର ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିବର୍ଷ ଭଳି ଇଂରାଜୀ ନବବର୍ଷ ଅନନ୍ୟ ଭାବେ ପାଳନ କରିଛି। ଆଜି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଡ ବାଦଲ କୁମାର ତା ଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ଜିଲ୍ଲା କୁମ୍ଭିକୋଟା ପଞ୍ଚାୟତ ଅନ୍ତର୍ଗତ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଉଦୟପୁର ଠାରେ ପହଞ୍ଚି ସେଠାର କୁନି କୁନି ଛାତ୍ରଛାତ୍ରୀଙ୍କ ସହ ହସଖୁସିରେ ସମୟ ବିତାଇବା ସହ ଉକ୍ତ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକ, ଖାତା, ପେନ୍ ପେନ୍ସିଲ, ରବର୍ ଆଦି ବଣ୍ଟନ କରିବା ସହ ବିସ୍କୁଟ , ଚକଲେଟ ବଣ୍ଟନ କରଯାଇଥିଲା। ସୂଚନା ମୁତାବକ ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିବର୍ଷ ଅନନ୍ୟ ଢଙ୍ଗରେ ଜିଲ୍ଲାର ବିଭିନ୍ନ ଉପାନ୍ତ ଓ ଦୁର୍ଗମ ଅଞ୍ଚଳ ଗୁଡ଼ିକୁ ଯାଇ ବିଭିନ୍ନ ସମୟରେ ସେଠାରେ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ , ଖାଦ୍ୟ ବସ୍ତ୍ର ବଣ୍ଟନ କରୁଛି। ଯାହାକି ଏହି ସେବା କାର୍ଯ୍ୟ ତାକୁ ଜିଲ୍ଲାରେ ଏକ ଅନନ୍ୟ ପରିଚୟ ଦେଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ରବୀନ୍ଦ୍ର ପାଟଖଣ୍ଡାଳ, ଶ୍ୟାମ ଦାଶ, ବିଦ୍ୟା ପଣ୍ଡା, ବିଦ୍ୟା ସାଗର , ପ୍ରମୋଦ କୁମାର ପଣ୍ଡା ଓ ସମାଜସେବୀ ତଥା ବୁଦ୍ଧିଜିବୀ ଶଶୀଭୂଷଣ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସାମ୍ବାଦିକ ସଂ ସର୍ବଦା ନିଜର ଏଭଳି ସେବା କାର୍ଯ୍ୟରେ ଲିପ୍ତ ରହି ଅନେକ ସମାଜ ମଙ୍ଗଳ କାର୍ଯ୍ୟ କରି ଆସୁଥିବା ଓ ଆଗକୁ ଅନେକ ଲୋକମଙ୍ଗଳ କାର୍ଯ୍ୟକୁ କରିବାକୁ ଲକ୍ଷ୍ୟ ରଖିଥିବା ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶ୍ରୀ ତା କହିଛନ୍ତି। ଆଜିର କୁନି କୁନି ଛାତ୍ର ଛାତ୍ରୀ ଙ୍କ ଠାରେ ସମୟ କାଟିବା ଏକ ଅନନ୍ୟ ଅନୁଭୂତି ବୋଲି ପ୍ରକାଶ କରିଛନ୍ତି।

# ଧର୍ମେଶ ଡ୍ୟାନ୍ସ ଏକାଡେମୀ ର ସଫଳତା




ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା ଖଡିଆଳ ସହରର ଲାଲ ସାହେବ ପଡ଼ା ରେ ଥିବା ଧର୍ମେଶ ଡ୍ୟାନ୍ସ ଏକାଡେମୀ କୁ ଏକ ବଡ଼ ସଫଳତା ହାସିଲ କରିଛି । ଗତ ଡିସେମ୍ବର ୨୪ ରୁ ୩୦ ତାରିଖ ତାରିଖ ଯାଏଁ ସାତ ଦିନ ବ୍ୟାପୀ ଦୁର୍ଗ ରାୟପୁର ରେ ଆୟୋଜିତ ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲ ରେ ଯୋଗ ଦେଇ ଧର୍ମେଶ୍ ଡ୍ୟାନ୍ସ ଏକାଡେମୀ ର ଛାତ୍ର ଶ୍ରେୟାଂଶ ଯୋଶୀ, ଭୂମରାଜ ସାହୁ, ଯଶୋବନ୍ତ ମେହେର, ଶୁଭ୍ରାଂଶୁ ତାଣ୍ଡି ଏବଂ ଭବଜ୍ୟୋତି ମେହେର ପ୍ରମୁଖ ଉଚ୍ଚକୋଟିର ଡ୍ୟାନ୍ସ ପ୍ରଦର୍ଶନ କରି ଜୁନିଅର ଗ୍ରୁପ ଫୋକ୍ ଡ୍ୟାନ୍ସ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥି ସହ ଧର୍ମେଶ ଡ୍ୟାନ୍ସ ଏକାଡେମୀ ର ସହାୟକ ଶିକ୍ଷକ ପବିତ୍ର କୈବର୍ତ୍ତ ମଧ୍ୟ ସିନିୟର୍ ସୋଲୋ ଫୋକ ଡ୍ୟାନ୍ସ ରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉକ୍ତ ପତିଯୋଗିତା ରେ ଧର୍ମେଶ ଡ୍ୟାନ୍ସ ଏକାଡେମୀ ର ଛାତ୍ର ମାନେ ଅଂଶ ଗ୍ରହଣ କରି ଗୋଟିକ ପରେ ଗୋଟିକ ସଫଳତା ଅର୍ଜନ କରିଚାଲିଛନ୍ତି । କେବଳ ଡ୍ୟାନ୍ସ ରେ ସଫଳତା ଅର୍ଜନ କରିଚାଲିଛନ୍ତି ତାହା ନୁହଁ କରାଟେ, ଯୋଗା,ରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ରେ ଏହିପରି ସଫଳତା ଅର୍ଜନ କରିଚାଲିଛନ୍ତି । ଏଥିପାଇଁ ବିଶେଷ କରି ଧର୍ମେଶ ଡ୍ୟାନ୍ସ ଏକାଡେମୀ ର ନିର୍ଦ୍ଦେଶକ ଧର୍ମେଶ ମେହେର ଙ୍କ ଉଦ୍ୟମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳ ରେ ଖଡ଼ିଆଳ ଅଞ୍ଚଳ ର ଛାତ୍ରଛାତ୍ରୀ ଙ୍କ ଡ୍ୟାନ୍ସ, କରାଟେ ଏବଂ ଯୋଗା ରେ ସଫଳତା ଆଣି ଛାତ୍ରଛାତ୍ରୀ ମଧ୍ୟ ରେ ଲୁଚି ରହିଥିବା ପ୍ରତିଭା କୁ ଲୋକଲୋଚନ କୁ ଆଣିବାର ପ୍ରୟାସ ପାଇଁ ଧର୍ମେଶ ମେହେର ସବୁବେଳେ ଜନ ମାନସରେ ପ୍ରଶଂସା ର ପାତ୍ର ହୋଇପାରିଛନ୍ତି ।

# ଅମ୍ବାଭୋନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ :୧୦୬ ଅଭିଯୋଗ ପଞ୍ଜିକୃତ

ଅମ୍ବାଭୋନା(ପି.ଏନ):ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ସଭାଗୃହ ଠାରେ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସାହାଇ ମୀନା, ପ୍ରକଳ୍ପ ନିର୍ଦ୍ଦେଶକ ଲଲାଟ ଲୁହା, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଣୀ ଡ଼ା.ନିରୁପମା ଷଡ଼ଙ୍ଗୀ, ଅମ୍ବାଭୋନା ବ୍ଲକ ଅଧକ୍ଷ କିର୍ତିଚନ୍ଦ୍ର ଦୁଆନ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋସ୍ନାରାଣୀ ଗଡତିଆ ପ୍ରମୁଖ ମଞ୍ଚାସୀନ ରହି ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ୮୦ଗୋଟି ବ୍ୟକ୍ତିଗତ ଓ ୨୬ ଟି ଗୋଷ୍ଠୀଗତ ମିଶାଇ ମୋଟ ୧୦୬ଗୋଟି ପଞ୍ଜିକୃତ ଅଭିଯୋଗର ଶୁଣାଣୀ ହୋଇଥିଲା। ଅମ୍ବାଭୋନା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିକେଶ୍ୱର ପଟେଲ, ତହସିଲଦାର ରଘୁନାଥ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁ ତଥା ସମସ୍ତ ବିଭାଗୀୟ ଅଧିକାରୀ, ସରକାରୀ କର୍ମଚାରୀମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପାନୀୟ ଜଳ ସମସ୍ୟା, ବିଭିନ୍ନ ଗ୍ରାମରେ ଲାଗି ରହିଥିବା ବିଜୁଳି ସମସ୍ୟା, ଚିକିତ୍ସା ସହାୟତା ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଜବରଦଖଲ ଜମି ଉଚ୍ଛେଦ, ପଲସଦା ଡଙ୍ଗାଘାଟ ପୁନଃ ଚଳାଚଳ, ଉତ୍ତମ ଗ୍ରାମ ପଞ୍ଚାୟତକୁ ନିଶାମୁକ୍ତ କରିବା,ଖରିଫ ଧାନ ଫସଲ ବିକ୍ରି ସମୟରେ କଟନି ଛଟନୀ ତଥା ମିଲର୍ସଙ୍କ ମନମାନୀ ବନ୍ଦ କରିବା ଆଦି ଅଭିଯୋଗ ହୋଇଥିଲା।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି। ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି। ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ□ଳବାସୀ ଦାବିକରିଛନ୍ତି ।

# ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ। କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗନ୍ତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା। ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday February 12 | ଭୁବନେଶ୍ୱର ବୁଧବାର, ଫେବୃଆରୀ ୧୨,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


## ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଅପାତକାଳୀନ ସଚେତନତା କାର୍ଯ୍ୟକ୍ରମ







ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ ତାର କର୍ମଚାରୀ, ଶ୍ରମିକ, କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସମେତ ପାରିପାର୍ଶ୍ୱିକ ଗ୍ରାମ ଓ ଜନସାଧାରଣଙ୍କୁ ଆପତକାଳୀନ ବିପର୍ଯ୍ୟୟ ଓ ଆମୋନିଆ ଗ୍ୟାସ ଲିକେଜ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଏବଂ ଜିଲ୍ଲା ଆପତକାଳୀନ ନିଷ୍ପତି କ୍ରମେ ଇଫକୋ ପକ୍ଷରୁ ଏକ ଆମୋନିଆ ଗ୍ୟାସ ଲିକେଜ, ଗୃହ ସୁରକ୍ଷା, ଅଗ୍ନିକାଣ୍ଡ ଓ ସଡକ ସୁରକ୍ଷା ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁତମୁଣ୍ଡାଇ ସ୍ଥିତ ଭୂତେଶ୍ୱର ମନ୍ଦିର ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ଏସଏଚ୍‌ଜି ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି ସଦସ୍ୟ ଙ୍କ ସମେତ ପ୍ରାୟ ୩ ଶହ ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଉତ୍ସାହ ର ସହ ଭାଗ ନେଇଥିଲେ । ଏଥିରେ ସମସ୍ତଙ୍କୁ ଆମୋନିଆ ନିର୍ଗତ ସମୟରେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସମ୍ପର୍କିତ ସଚେତନତା ଲିଫଲେଟ ବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା କ୍ଷ ଏହି ଅବସରରେ ଇଫକୋ କୋର୍ଡେଟ ର ଅଧ୍ୟକ୍ଷ କୁଳମଣି ମାଝୀ,ଇଫକୋ ଏଫ ଆଣ୍ଡ ଏସ ର ଉପ ପ୍ରବନ୍ଧକ ଏମ.ଆର.ନାୟକ,ପି.ସି.ବିଶ୍ୱାଳ ଏବଂ ଏ.କେ.ଜେନା ଗ୍ୟାସ ଲିକେଜ ଏବଂ ଅନ୍ୟ ଜରୁରୀ କାଳୀନ ପରିସ୍ଥିତିରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ।

## ନିର୍ମାଣର ବର୍ଷକ ପରେ ଆର୍ଡି ରାସ୍ତାର ଅବସ୍ଥା ଶୋଚନୀୟ : ତଦନ୍ତ ଦାବି

ମାହାଙ୍ଗା,(ପି.ଏନ): ଓଡ଼ିଶା ସରକାର ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନରେ ମାହାଙ୍ଗା ବ୍ଲକର ମାହାଙ୍ଗା ପଂଚାୟତର ସାଇ ମନ୍ଦିର ଠାରୁ ଛତର ତୋଟା ଭାୟା କଏରପୁର,ଧାରପୁର,ରଘୁନାଥ ନଗର, ଉଷୁମା, ସଲରା, ପାଟପୁରକୁଳ, ମଲ୍ଲିପୁରା ସ୍ୱାଇଁସାହି ରାସ୍ତାର ଶୁଭଶିଳାନ୍ୟାସ ତା ୭.୩.୨୦୨୪ ରିଖରେ ରଘୁନାଥ ନଗର ଠାରେ ପୂର୍ବତନ ମନ୍ତ୍ରୀ ତଥା ତତ୍‌କାଳୀନ ମାହାଙ୍ଗାର ବିଧାୟକ ପ୍ରତାପ ଜେନା ଶୁଭଶିଳାନ୍ୟାସ କରିଥିଲେ। ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେବା ସହ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଢ଼ଳେଇରାସ୍ତା ଗୁଡିକରୁ ଗୋଡି ଉଠିଲାଣି। ରାସ୍ତା କାର୍ଯ୍ୟ ଏକ ବର୍ଷ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହେବାକୁ ବସିଲାଣି। ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ମାହାଙ୍ଗା ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ନିର୍ମାଣ କରିଥିଲେ। ହେଲେ ରାସ୍ତା ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳାରୁ ବର୍ତ୍ତମାନ ମାହାଙ୍ଗା ବ୍ଲକର କୌଣସି ଗୋଟିଏ ମୁଖ୍ୟ ରାସ୍ତାର ଅବସ୍ଥା ଭଲ ନାହିଁ। ଏଣୁ ମାହାଙ୍ଗାର ବର୍ତ୍ତମାନର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ତୁରନ୍ତ ଦୃଷ୍ଟି ଦେବାକୁ ବେଲେଶ୍ୱରୀ କୃଷକ ସଂଗଠନ ମାହାଙ୍ଗା ତରଫରୁ ଦାବି କରାଯାଇଛି।

## ଦୁଇ ଯୋଗଜନ୍ମା ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,(ପି.ଏନ): ଦୁଇ ଯୋଗଜନ୍ମା ବରପୁତ୍ର ସ୍ୱର୍ଗତ ଡ. ରାଧାନାଥ ରଥଙ୍କ ୨୭ତମ ଶ୍ରାଦ୍ଧୋତ୍ସବ ଓ ସ୍ୱର୍ଗତ ଡ. ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ୧୧୨ତମ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି । ସ୍ଥାନୀୟ ଜୟବଡସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ଦାସ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱର୍ଗତ ଡକ୍ଟର ରାଧାନାଥ ରଥ ଓଡିଶା ତଥା ଭାରତ ମାତାର ସେବା ପାଇଁ ଯାହା କରିଯାଇଛନ୍ତି ସେଥିପାଇଁ ସେ ସବୁଦିନେ ସ୍ମରଣୀୟ ହୋଇ ରହିବେ । ଅନ୍ୟତମ ଆଲୋଚିକା ଭାବେ ଶିକ୍ଷୟିତ୍ରୀ ସନ୍ଧ୍ୟାରଣୀ ଦାସ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏକାଧାରରେ ମହାନ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ରାଜ୍ୟପାଳ, ରାଷ୍ଟ୍ରନୀତିଜ୍ଞ , କୃଷକ ଶ୍ରମିକ ନେତା, ସୁଲେଖକ ଓ ଜଣେ ବରେଣ୍ୟ ଜନନେତା ରୂପେ ସୁପରିଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସସ୍ମିତା ସାମଲ ଓ ଚିତ୍ରରେଖା ବେହେରା ଦୁଇବରପୁତ୍ରଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କୁ ପର୍ଯ୍ୟଟନୀସ୍ଥଳୀ ମାନ୍ୟତା

ମାହାଙ୍ଗା,(ପି.ଏନ): କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର କଟିକଟା ଠାରୁ ୫କି.ମି., ନିଶ୍ଚିନ୍ତକୋଇଲି ଠାରୁ ୭କି.ମି ଦୂରତାରେ ଅବସ୍ଥିତ ପୂର୍ବ ମାହାଙ୍ଗାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କୁ ରାଜ୍ୟ ସରକାର ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ମାହାଙ୍ଗା ନିର୍ବାଚନମଣ୍ଡଳୀର ମାହାଙ୍ଗା ବ୍ଲକର ବିନୋଦ ବିହାରୀ ମନ୍ଦିର, ଶ୍ରୀ ମାଣିକେଶ୍ୱରୀ ମନ୍ଦିର ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ବଳଦେବଜୀଉ ମନ୍ଦିର ଓ ଦଧିବାମନଜୀଉ ମନ୍ଦିରକୁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି। ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିରକୁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଲକ୍ଷେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପ୍ରସ୍ତୁତି

ଫୁଲନଖରା,(ପି.ଏନ): ପାହାଳ ଥାନା ଅନ୍ତର୍ଗତ ନଖରାସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟ ବୋର୍ଡ଼ ସଭାପତି ଗୁଣନିଧି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟ୍ରଷ୍ଟବୋର୍ଡ଼ ସଦସ୍ୟ ପାହାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନା , ବଂଶୀଧର ଭୋଳ ଓ ଉପଦେଷ୍ଟା ମଣ୍ଡଳିର ସଦସ୍ୟ , ସ୍ୱଚ୍ଛାସେବୀ , ପ୍ରମୁଖ ଯୋଗ ଦେଇ ଆସନ୍ତା ୨୬ ତାରିଖ ଜାଗର ଯାତ୍ରା ରେ ଶ୍ରଦ୍ଧାଳୁମାନେ ବାରିକେଟ ଭିତରେ ଦେଇ କିପରି ଠାକୁରଙ୍କୁ ଶୃଙ୍ଖଳିତ ଦର୍ଶନ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଜାଗର ଦିନ ଭୋର ୪ଟାରେ ମନ୍ଦିର ଦ୍ୱାର ଖୋଲା ଯାଇ ଠାକୁରଙ୍କ ନୀତିକାନ୍ତି ପରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିପାରିବେ । ଠାକୁରଙ୍କ ମନ୍ଦିର ବେଢ଼ା ମଧ୍ୟରେ ଦୀପ ପ୍ରଜ୍ୱଳନକୁ ବାରଣ କରାଯାଇଥିଲାବେଳେ ଶ୍ରଦ୍ଧାଳୁମାନେ ବେଢ଼ା ବାହାରେ ଦୀପ ଜାଳି ପାରିବେ । ଭକ୍ତମାନେ ମନ୍ଦିର ଭିତରକୁ ଗାଡ଼ି ମଟର ନନେଇ ଗାଡ଼ି ପାର୍କିଙ୍ଗ ସ୍ଥାନରେ ରଖିବା ପାଇଁ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ରାତ୍ର ୧୧ ଘଟିକା ସମୟରେ ମହାଦୀପ ଉଠିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଜାଗର ଦିନ ଶ୍ରୀ ଲକ୍ଷେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ , ପ୍ରସାଦ ସେବନ , ଦହି ପଣା ବଣ୍ଟନ ଏବଂ ଶ୍ରୀ ଲକ୍ଷେଶ୍ୱର ବଡ଼ସିଂହାର ବେଶ ସେବା ସମିତି ପକ୍ଷରୁ ସାଧୁସନ୍ଥ ସମ୍ମିଳନୀ , ସମ୍ବର୍ଦ୍ଧନା ସଭା ,ଓଡ଼ିଶୀ ନୃତ୍ୟ , ଭକ୍ତମାନଙ୍କ ପାଇଁ ଚୁଡ଼ା ଖସା ବଣ୍ଟନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଥାନା ପକ୍ଷରୁ ମନ୍ଦିରରେ ପୁଲିସ ମୂତୟନ କରାଯିବ ବୋଲି ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନା ସୂଚନା ଦେଇଛନ୍ତି । ଏହି ବୈଠକରେ ଧିରେନ୍ଦ୍ର କୁମାର ପାଢ଼ୀ , ସରୋଜ ପାଢ଼ୀ , ବିପିନ ବିହାରୀ ପାଢ଼ୀ , କିଶୋର ପଟ୍ଟନାୟକ , ପ୍ରଶାନ୍ତ କୁମାର ମହାନ୍ତି , କିଶୋର ଚନ୍ଦ୍ର ବରାଳ , ଗଣେଶ ପ୍ରସାଦ ମହାନ୍ତି , ସୁଧାକର ସ୍ୱାଇଁ , ଅନିଲ କୁମାର ମହାନ୍ତି , ବଲ୍ଲଭ କୁମାର ଜେନା , ଅକ୍ଷୟ କୁମାର ଲେଙ୍କା , କାନନ ବିହାରୀ ନାୟକ , ନରେଶ କୁମାର ମହାନ୍ତି , ଗୋବିନ୍ଦ ଚରଣ ମହାରଣା, ଲକ୍ଷ୍ମୀଧର ମହାନ୍ତି. ଧିରେନ୍ଦ୍ର ପରିଡ଼ା , ଗୋଲେଖ ଜେନା , ସୁଶାନ୍ତ ସାହୁ , ସୁଧୀର ପଟ୍ଟନାୟକ , କୃଷ୍ଣଚନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଲ ଓଡିଶା ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ): ଅଲ ଓଡିଶା ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ ଓ ବନ୍ଧୁ ମିଳନ ଉତ୍ସବ ମାଷ୍ଟରକ୍ୟାଣ୍ଟିନ ଛକ ସ୍ଥିତ ବୁଲନ ଭାଇ ସମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଆବାହକ ସୁକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସଂଘର ସଭାପତି ନିରନ ରେଡ୍ଡୀ, ପଶ୍ଚିମ ଓଡିଶା ମୁଖ୍ୟ କୈବଲ୍ୟ ମିଶ୍ର, ଉତ୍ତର ଓଡିଶା ମୁଖ୍ୟ ନିରନ ପାଣି, ଦକ୍ଷିଣ ଓଡିଶା ମୁଖ୍ୟ ଶଙ୍କର୍ଷଣ ବେହେରା, ଉପଦେଷ୍ଟା ବ୍ରଜବନ୍ଧୁ ପରିଡା ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘର ଉପସଭାପତି ବିତ୍ ମହାନ୍ତି ପ୍ରାରମ୍ଭିକ ଅଭିଭାଷଣ ରଖି ସଂଘର ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ପାରାଦୀପ ପୌରାଞ୍ଚଳରେ ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଶିଳାନ୍ୟାସ




ପାରାଦୀପ,(ପି.ଏନ): ଟେକ୍ନିମଣ୍ଟ ର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ନିମଣ୍ଟ ପ୍ରାଇଭେଟ ଲିମିଟେଡ୍ (ଟିସିଏମପିଏଲ), ପାରାଦୀପ ପୌରପାଳିକା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ,ଟେକ୍ନିମଣ୍ଟ ମେୟାର ଗ୍ରୁପର ସିଇଓ ଆଲେସାଣ୍ଡ୍ରୋ ବରନିନିଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ କମ୍ପାନୀ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ପ୍ରକଳ୍ପ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ପ୍ରୟାସ ସମୂହର ଏକ ଅଂଶବିଶେଷ ଏବଂ ଏହା ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟ କୁ କଞ୍ଚାମାଲ ଭାବେ ବ୍ୟବହାର କରି ରନ୍ଧନ ଗ୍ୟାସ ଭାବରେ ବ୍ୟବହାର ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର ସୁବିଧା ସ୍ଥାପନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ବର୍ଜ୍ୟ ରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲି ସ୍ଥାନକୁ ସଫଳତାର ସହିତ ପୂରଣ କରିବ କ୍ଷ ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି କ୍ଷ ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳ ରୁ ନିର୍ଗତ ହେଉଥିବା ବର୍ଜ୍ୟ ଖାଦ୍ୟ ମାନଙ୍କର ପୁନଃଚକ୍ରଣ କରିବାର ଲକ୍ଷ୍ୟ ରଖାଯିବା ସହିତ ଏହା ଭୂମି କୁ ପୋତିବା ବୋଝ ହ୍ରାସ କରିବ । ପୌରାଞ୍ଚଳ ରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁ କୁ ସଂଗ୍ରହ କରାଯାଇ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କମ୍ପ୍ରେସଡ଼ ବାୟୋଗ୍ୟାସ ପ୍ରସ୍ତୁତ କରାଯାଇ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳାକୁ ଯୋଗାଇଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥା କୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ସେହିପରି ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀ ଓ କର୍ମଚାରୀ ମାନଙ୍କର ନିରନ୍ତର ପ୍ରୟାସ ର ନିଦର୍ଶନ ହୋଇଛି ଏବଂ ଏହି ପ୍ରକଳ୍ପ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ପାରାଦୀପ ର ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସର୍ବଭାରତୀୟ ଉପ ସଭାପତି ମିଲିନ୍ଦ ବାରିଡେ କହିଥିଲେ ଯେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟ ର ଅର୍ଥନୈତିକ ଦୀର୍ଘ ସ୍ଥାୟିତା ପ୍ରତି ମେୟାର ଗ୍ରୁପ ର ପ୍ରତିବଦ୍ଧତା କୁ ପ୍ରତିଫଳିତ କରୁଛି । ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେ ନିର୍ଦ୍ଦେଶକ ବି.ରବି ମେୟାର ଗ୍ରୁପ ର ସମର୍ଥନରେ ସୁରଥକାଲ କ୍ୟାମ୍ପସ ଦୀର୍ଘସ୍ଥାୟୀ ପ୍ରୟାସ ସମୂହର ସମ୍ଭାବନା ଅନୁଧାନ ଦିଗରେ ଏନଆଇଟିକେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ଦେଇଥିଲେ । ତେବେ ପାରାଦୀପ ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପ ଅଭିଜ୍ଞତା କୁ ବ୍ୟାପକ ଆକାରରେ ପ୍ରୟୋଗ କରାଯିବା ସହ ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ କୁ ପୂରଣ କରାଯାଇପାରିବ ଏବଂ ଏହି ପ୍ରକଳ୍ପ ଛାତ୍ରଛାତ୍ରୀ, ଉଦୀୟମାନ ଉଦ୍‌ଯୋଗୀ ସମୂହ ଏବଂ ଅନ୍ୟ ସଂସ୍ଥା ମାନଙ୍କୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟ ସୁଯୋଗ ନେବା ପାଇଁ ପ୍ରେରଣା ଦେବ ବୋଲି ପ୍ରଫେସର ରବି ଉଲ୍ଲେଖ କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray